ଜୀବନଙ୍କୁ ହସ୍ତାନ୍ତର କରାଯାଇଛି। ଅପରାଧରେ ବ୍ୟବହୃତ କାଠଫାଳିଆକୁ ଜବତ କରାଯାଇଥିବା ସେ ସୂଚନା ଦେଇଛନ୍ତି। ପୋଲିସ ଓ ସ୍ଥାନୀୟ ଲୋକଙ୍କ ସୂଚନାନୁସାରେ, ଗୋଲଖ ଓ ତାଙ୍କ ସ୍ତ୍ରୀ ସ୍ୱପ୍ନା ଦିନ ମଜୁରିଆ ଭାବେ କାମ କରନ୍ତି। ସେମାନେ ୩ ପିଲାଙ୍କ ସହ ତାରିଣୀନଗର ବସ୍ତିରେ ଘର ଭଡା ନେଇ ରହୁଥିଲେ। ସ୍ୱପ୍ନା ମଦ, ହାଣ୍ଡିଆ ପିଉଥିଲେ। ଏଥିପାଇଁ ନିଜ ରୋଜଗାର ସହ ସ୍ୱାମୀଙ୍କଠାରୁ ଟଙ୍କା ନେଉଥିଲେ। ଏହାକୁ ନେଇ ବହୁ ସମୟରେ ଉଭୟଙ୍କ ମଧ୍ୟରେ କଳହ ଲାଗୁଥିଲା। ଗତ ମଙ୍ଗଳବାର ସ୍ୱପ୍ନା କାମ କରିବାକୁ ଯାଇ ସନ୍ଧ୍ୟା ସୁଦ୍ଧା ଘରକୁ ଫେରି ନ ଥିଲେ। ସେ ମଦନିଶାରେ ସ୍ଥାନୀୟ ନୀଳଚକ୍ର ପଡିଆରେ ପଡିଥିବା ଖବର ପାଇ ଗୋଲଖ ତାଙ୍କୁ ଅଟୋରେ ଘରକୁ ଆଣିଥିଲେ। ଘର ବାହାରକୁ ଆସି ସ୍ୱପ୍ନା ପଡ଼ୋଶୀ ଲୋକଙ୍କ ସମ୍ମୁଖରେ ଗୋଲଖଙ୍କୁ ଗାଳି କରିଥିଲେ, ଯେଉଁଥିପାଇଁ ଉଭୟଙ୍କ ଭିତରେ ଜୋର୍‌ରେ ପାଟିତୁଣ୍ଡ ହୋଇଥିଲା। ଏହି ସମୟରେ ଗୋଲଖ ତାଙ୍କୁ ଘର ଭିତରକୁ ଟାଣି ନେଇ କାଠ ଫାଳିଆରେ ପ୍ରବଳ ପିଟିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ସେ ମୃତଦେହକୁ ଗୋଟିଏ ଘରେ ଲୁଚାଇ ରଖିବା ସହ ଆଉଏକ ଘରେ ଅନ୍ୟ ଦୁଇ ପିଲାଙ୍କ ସହ ରହିଥିଲେ। ବାହାରକୁ ଗଲେ ମୃତଦେହ ଥିବା ଘରକୁ ତାଲା ପକାଇ ଯାଉଥିଲେ। ପିଲାମାନେ ମା'ଙ୍କୁ ଖୋଜିବାରୁ ସେ କେଉଁଆଡେ ପଳାଇଥିବା ଗୋଲଖ କହୁଥିଲେ। ଏପରିକି ମୃତଦେହ ଲୁଚାଇଥିବା ଘରକୁ ପିଲାଙ୍କୁ ଯିବାକୁ ବାରଣ କରିବା ସହ ନାନା କଥା କହି ଡରାଉଥିଲେ। ଫଳରେ ପିଲାମାନେ ଉକ୍ତ ଘରକୁ ଯାଉ ନ ଥିଲେ। ଅନ୍ୟପକ୍ଷରେ ଘଟଣା ପରଠାରୁ ସ୍ୱପ୍ନାଙ୍କ ପାଟି ଆଉ ଶୁଭି ନ ଥିଲା କି ପଡୋଶୀମାନେ ତାଙ୍କୁ ଦେଖିବାକୁ ପାଇ ନ ଥିଲେ। ସେପଟେ ଗାଁକୁ ଯାଇଥିବା ଗୋଲଖଙ୍କ ବଡ଼ ପୁଅ ଜୀବନ କୁମାର ଜେନା ବୁଧବାର ସନ୍ଧ୍ୟାରେ ବସ୍ତିସ୍ଥିତ ଘରକୁ ଫେରିଥିଲେ। ମା'ଙ୍କୁ ନ ପାଇବାରୁ ମନରେ ସନ୍ଦେହ ବଢ଼ିଥିଲା। ଗୁରୁବାର ସକାଳେ ମୃତଦେହ ଥିବା ଘରୁ ପ୍ରବଳ ଦୁର୍ଗନ୍ଧ ବାହାରି ଥିଲା। ଜୀବନ ଘଟଣା ବିଷୟରେ ଜାଣିବା ପାଇଁ ବାପା ଗୋଲଖଙ୍କୁ ପଚାରିବାରୁ ସେ ମା'କୁ ପିଟି ହତ୍ୟା କରି ଘରେ ରଖିଥିବା କହିଥିଲେ। ଏହାପରେ ଜୀବନ ଥାନାକୁ ଖବର ଦେଇଥିଲେ। ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି। ଅପରପକ୍ଷେ ଗୋଲଖଙ୍କୁ ସ୍ୱପ୍ନା ଦ୍ୱିତୀୟ ବିବାହ କରିଥିବା ପୋଲିସ ଜାଣିବାକୁ ପାଇଛି।

## ନିର୍ବାଚନ ପୂର୍ବରୁ...

ସୂଚନା ଅନୁଯାୟୀ ଗୁରୁବାର ଭୁବନେଶ୍ୱରରେ ଲିଟର ପିଛା ପେଟ୍ରୋଲ ଦର ୧୦୩.୧୯ ଟଙ୍କାରେ କାରବାର ହେଉଥିବାବେଳେ ଡିଜେଲ ମୂଲ୍ୟ ୯୪.୭୬ ଟଙ୍କାରେ ବିକ୍ରି ହେଉଛି। ବିଶେଷ କରି କେନ୍ଦ୍ର ସରକାର ତୈଳ ଦରରେ ଟିକସ ହ୍ରାସ କରିଥିବାରୁ ଶୁକ୍ରବାର ନୂଆ ଦର ତୈଳ ବିପଣନକାରୀମାନେ ଲାଗୁ କରିବେ ବୋଲି ଜଣାପଡ଼ିଛି। ଅପରପକ୍ଷରେ ନୂଆଦିଲ୍ଲୀରେ ଲିଟର ପିଛା ପେଟ୍ରୋଲ ଦର ୯୪.୭୨ଟଙ୍କାରେ କାରବାର ହେଉଥିବାବେଳେ ଡିଜେଲ ମୂଲ୍ୟ ୮୭.୬୨ ଟଙ୍କାରେ ବିକ୍ରି ହେଉଛି।

## ଫୋର୍ବ୍ସରେ ମାଲକାନଗିରିର...

କରିଥିଲେ। ଆଭ୍ୟନ୍ତରୀଣ ଅଞ୍ଚଳରେ ସାନିଟାରି ପ୍ୟାଡ୍ ମିଳିପାରୁ ନ ଥିବାରୁ ବଦାନ୍ୟ ବ୍ୟକ୍ତିଙ୍କ ସହାୟତାରେ ଘରେ ଘରେ ଏହା ବାଣ୍ଟିବା ଆରମ୍ଭ କଲେ ଜୟନ୍ତୀ ; ଯାହାକି ତାଙ୍କୁ ଏକ ନୂତନ ପରିଚୟ ଦେଇଥିବା ବେଳେ ସେ ଫୋର୍ବସ ମାଗାଜିନ୍‌ରେ ସ୍ଥାନିତ ହୋଇପାରିଥିବାରୁ ଖୁସି ବ୍ୟକ୍ତ କରିଛନ୍ତି।

## ମେଣ୍ଟ: ତଥାପି...

ଏହାପରେ ସମସ୍ତେ ଫେରିଯାଇଥିଲେ। ସେଭଳି ଗତ ୪ ଦିନ ହେଲା କେନ୍ଦ୍ରରୁ ଡକରା ପାଇବା ପରେ ଭାଜପା ରାଜ୍ୟ ସଭାପତି, ଦଳର ପ୍ରଭାରୀ ବିଜୟ ପାଲ ସିଂ ତୋମାର, ସହପ୍ରଭାରୀ ଲତା ଉସେଣ୍ଡି ପ୍ରମୁଖ ଦିଲ୍ଲୀ ଗସ୍ତ କରିଥିଲେ। ୪ ଦିନ ଧରି ଏମାନେ ଦିଲ୍ଲୀରେ ରହିଥିବା ବେଳେ ମେଣ୍ଟ ନେଇ କ'ଣ ନିଷ୍ପତ୍ତି ବା ଚୂଡ଼ାନ୍ତ ହେଉଛି ସେନେଇ ସମସ୍ତେ ନିଜ ନିଜ ସ୍ତରରେ ରିପୋର୍ଟ ସଂଗ୍ରହ କରିବାକୁ ଲାଗିପଡ଼ିଥିଲେ। ଶେଷରେ ଗୁରୁବାର ଅପରାହ୍ନରେ ମନମୋହନ ଓଡ଼ିଶା ଫେରିଥିବା ବେଳେ ମେଣ୍ଟ ନେଇ କି ଆଲୋଚନା ହେଲା ଗଣମାଧ୍ୟମ ତାଙ୍କୁ ପ୍ରଶ୍ନ କରିଥିଲା। ସେ କହିଥିଲେ, ଭାଜପା ଓଡ଼ିଶାରେ ଏକାକୀ ସରକାର କରିବ। ଲୋକମାନଙ୍କ ଶୁଭେଚ୍ଛା, ସହଯୋଗ ଏବଂ ସେମାନଙ୍କ ଦାୟିତ୍ୱରେ ଭାଜପା ରାଜ୍ୟରେ ନିର୍ବାଚନ ଲଢ଼ିବ। ଓଡ଼ିଶାର ଅସ୍ମିତାକୁ ନେଇ ନିର୍ବାଚନ ଲଢାଯିବ। ମେଣ୍ଟ କଥା ଥିଲେ, ଆଉ କାହା ସହିତ ମିଶି ସରକାର କରିବୁ ବୋଲି କହିଥାଆନ୍ତି। ଏହାପରେ ମନମୋହନ ନିଜ ଏକ୍ସରେ ଉଲ୍ଲେଖ କରିଥିଲେ ଯେ, ଓଡ଼ିଶାର କୋଟି କୋଟି ଜନତାଙ୍କ ଆଶୀର୍ବାଦ ଓ ଶୁଭେଚ୍ଛା ନେଇ ଭାଜପା ଏକାକୀ ନିର୍ବାଚନ ଲଢିବ ଏବଂ ସରକାର ମଧ୍ୟ କରିବ। ଏଥର ଓଡ଼ିଶାର ଅସ୍ମିତା ଏବଂ ସ୍ୱାଭିମାନ ପାଇଁ ପ୍ରତ୍ୟେକ ଓଡ଼ିଆ ଦାୟିତ୍ୱ ନେଇ ନିର୍ବାଚନ ଲଢ଼ିବେ ଏବଂ ସରକାର ଗଠନ କରିବେ ବୋଲି ସେ ଉଲ୍ଲେଖ କରିଥିଲେ। ହେଲେ ଏହାର କିଛି ସମୟ ପରେ ମନମୋହନ ତାଙ୍କ ଟୁଇଟ୍‌କୁ ଡିଲିଟ୍ କରିଦେଲେ। ଆଉ ଥରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଲେ ଯେ, ସେ ଯେଉଁ ଶବ୍ଦ ବ୍ୟବହାର କରୁଛନ୍ତି ତାକୁ ବ୍ୟାଖ୍ୟା କରି ତା'ର ନ୍ୟାରେଟିଭ କରିବା ଉଚିତ ନୁହେଁ। ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଯାହା କହିବେ ତାହା ହେଉଛି ଚୂଡ଼ାନ୍ତ ନିଷ୍ପତ୍ତି। ପାର୍ଲାମେଣ୍ଟ ପାର୍ଟି ଯାହା କହିବ ତାହା ହେଉଛି ଚୂଡ଼ାନ୍ତ। ତାଙ୍କ କଥାର ଅନ୍ୟ ଅର୍ଥ ନ କାଢ଼ି ଯାହା ରାଷ୍ଟ୍ରୀୟ ସଭାପତି ନିଷ୍ପତ୍ତି କରିବେ ତାକୁ ଖବର କରନ୍ତୁ ବୋଲି ମନମୋହନ କହିଛନ୍ତି।

ତେଣୁ ମେଣ୍ଟ ହେବ ନାହିଁ ବୋଲି ଯେତେବେଳେ ଭାଜପା ନେତା ମତ ରଖୁଥିବା କଥା ଗଣମାଧ୍ୟମ ପ୍ରକାଶ କଲା ସେତେବେଳେ କେନ୍ଦ୍ରରୁ କୁଆଡ଼େ ଦଳର ରାଜ୍ୟ ସଭାପତିଙ୍କୁ ତାଗିଦ କରାଗଲା ଯେଉଁଥିଲାଗି ସେ ନିଜ ମତ ପରିବର୍ତ୍ତନ କରିବା ସହ ଟୁଇଟ୍ ଡିଲିଟ୍ କରିଥିବା ଦଳର କେତେଜଣ ବରିଷ୍ଠ ନେତା ନିଜ ନାମ ଗୋପନ ରଖି କହିଛନ୍ତି। ଅନ୍ୟପକ୍ଷରେ ଆସନ୍ତା ଶନିବାର ଭାଜପା ରାଜ୍ୟ ନିର୍ବାଚନ କମିଟି ବୈଠକ ବସିବ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାରେ ମେଣ୍ଟ ହେବା ନେଇ ବୈଠକ କରିବେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। କେନ୍ଦ୍ର ନେତୃତ୍ୱ କାହିଁକି ଓଡ଼ିଶାରେ ମେଣ୍ଟ ହେବା କଥାରେ ପୂର୍ଣ୍ଣଚ୍ଛେଦ ଟାଣୁନାହାନ୍ତି କି କିଛି ଚୂଡ଼ାନ୍ତ କରୁନାହାନ୍ତି ତାକୁ ନେଇ ମଧ୍ୟ ନେତା ଓ କର୍ମୀମାନେ ଦ୍ୱନ୍ଦ୍ୱରେ ପଡ଼ିଗଲେଣି। ରାଜନୈତିକ ସମୀକ୍ଷକମାନଙ୍କ କହିବା କଥା, ଶେଷ ମୁହୂର୍ତ୍ତରେ ମେଣ୍ଟ ନେଇ ଘୋଷଣା କରାଗଲେ ଦଳ ପରିବର୍ତ୍ତନ କରି ଯେଉଁମାନେ ଯିବାକୁ ଚାହିଁବେ ସେଥିରେ ସାମାନ୍ୟ ରୋକ୍ ଲଗାଯାଇପାରିବ।




ଏଚ୍.ଆଇ.ଭି ଭୂତାଣୁ
ଶରୀରେ ପସିଲେ ନବାହାରେ ଆଉ ଧନ,
ନଷ୍ଟ କରିଦିଏ ରୋଗ ପ୍ରତିରୋଧ
ସଙ୍କଟେ ପଡେ ଜୀବନ

ଅସୁରକ୍ଷିତ ଯଉନ ସମ୍ପର୍କ,
ଅଶୋଧିତ ରକ୍ତ ପାଇଁ
ଏକ ସିରିଞ୍ଜ୍ ଓ ଛୁଞ୍ଚି ରେ ଔଷଧ
ନନେବ ଭଉଣୀ ଓ ଭାଇ

osacs
ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା



**ଫର୍ମ ନଂ. ୧୩**
**ଅନାଦାୟ ଋଣ ଅସୁଲି ନ୍ୟାୟାଧିକରଣ, କଟକ, ଓଡ଼ିଶାଙ୍କ ଇଜିଲାସରେ**
**ସି-୭୧, ସେକ୍ଟର - ୭, ସି.ଡି.ଏ., କଟକ, ଓଡ଼ିଶା**
**ଓ.ଏ. ନଂ.୨୦୨୩ର ୪୪୮**

ଡିସିବି ବ୍ୟାଙ୍କ ଲିମିଟେଡ୍ ...ଆବେଦନକାରୀ
ବନାମ
ମେସର୍ସ ଶ୍ରୀରାମ ଡିଷ୍ଟ୍ରିବ୍ୟୁଟର୍ସ ଏବଂ ଅନ୍ୟମାନେ ... ପ୍ରତିବାଦୀ(ଗଣ)

ପ୍ରାପ୍ତେଷୁ
୧. ମେସର୍ସ ଶ୍ରୀରାମ ଡିଷ୍ଟ୍ରିବ୍ୟୁଟର୍ସ, (ପ୍ରୋପ୍ରାଇଟର ପ୍ରଦୀପ କୁମାର ପଣ୍ଡା), ସ୍ଥାନ– ଜେଲ୍ ରୋଡ୍, ବିଏ-ଆର୍, ବାଲେଶ୍ୱର ସଦର, ଜିଲ୍ଲା– ବାଲେଶ୍ୱର, ଓଡ଼ିଶା–୭୫୬୦୦୧।
୨. ପ୍ରଦୀପ କୁମାର ପଣ୍ଡା, ବୟସ ପ୍ରାୟ ୫୦ ବର୍ଷ, ପିତା– ପ୍ରଭାସ କୁମାର ପଣ୍ଡା, ସ୍ଥାନ– ଜେଲ୍ ରୋଡ୍, ବିଏ-ଆର୍, ବାଲେଶ୍ୱର ସଦର, ଜିଲ୍ଲା– ବାଲେଶ୍ୱର, ଓଡ଼ିଶା–୭୫୬୦୦୧।
୩. ରାଜଲକ୍ଷ୍ମୀ ଦାଶ, ବୟସ ପ୍ରାୟ ୪୧ ବର୍ଷ, ପିତା– ମନ୍ମଥ ଦାଶ, ସ୍ଥାନ– ଜେଲ୍ ରୋଡ୍, ବିଏ-ଆର୍, ବାଲେଶ୍ୱର ସଦର, ଜିଲ୍ଲା– ବାଲେଶ୍ୱର, ଓଡ଼ିଶା–୭୫୬୦୦୧।
ଆହୁରି ମଧ୍ୟ ସ୍ଥାନ: ପ୍ଲଟ୍ ନଂ. ୧୩୩୫/୧୬୩୯, ମାଧିପୁର, ରେମୁଣା, ଜିଲ୍ଲା– ବାଲେଶ୍ୱର, ଓଡ଼ିଶା–୭୫୬୦୧୯।

**ପ୍ରାର୍ଥନା କରାଯାଇଥିବା ଆଶ୍ୱସ୍ତି କାହିଁକି ମଞ୍ଜୁର କରା ନ ଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ଖବରକାଗଜ ପ୍ରକାଶନ ଜରିଆରେ ସମନ**

ନୋଟିସ ଦିଆଯାଉଛି ଯେ, ଆବେଦନକାରୀ ଅନାଦାୟ ଋଣ ଅସୁଲି ନ୍ୟାୟାଧିକରଣ, କଟକଙ୍କ ଅଦାଲତରେ ଟ.୫୨,୬୩,୧୦୦.୯୯ ମାତ୍ର ସମେତ ଚଳିତ ଏବଂ ଭବିଷ୍ୟତ ସୁଧ, ଖର୍ଚ୍ଚ ଅସୁଲ କରିବା ଓ ଅନ୍ୟାନ୍ୟ ଆଶ୍ୱସ୍ତି ପାଇବା ପାଇଁ ଓ.ଏ. ନଂ.୨୦୨୩ର ୪୪୮ ଆରମ୍ଭ କରିଅଛନ୍ତି । ତେଣୁ, ଉପର ନାମିତ ପ୍ରତିବାଦୀଗଣଙ୍କୁ ଏହି ନ୍ୟାୟାଧିକରଣଙ୍କ ଇଜିଲାସରେ ବ୍ୟକ୍ତିଗତ ଭାବେ କିମ୍ବା ଜଣେ ଓକିଲ ଅଥବା ବିଧିବଦ୍ଧ ଭାବେ ପ୍ରାଧିକୃତ ଏଜେଣ୍ଟଙ୍କ ଜରିଆରେ ପ୍ରକାଶନ ତାରିଖରୁ ୩୦ ଦିନ ମଧ୍ୟରେ ବା ତା୦୪।୦୪।୨୦୨୪ରିଖ ପୂର୍ବାହ୍ନ ୧୦.୩୦ ସୁଦ୍ଧା ହାଜର ହେବା ଏବଂ ନିଜର ପକ୍ଷ ଉପସ୍ଥାପନ କରିବା ଓ ପ୍ରାର୍ଥନା କରାଯାଇଥିବା ଆଶ୍ୱସ୍ତି କାହିଁକି ମଞ୍ଜୁର କରା ନ ଯିବା ଆବଶ୍ୟକ ତାହାର କାରଣ ଦର୍ଶାଇବା ଲାଗି ନିର୍ଦ୍ଦେଶ ଦିଆଯାଉଛି ।
ନୋଟିସ ଦିଆଯାଉଛି ଯେ, ଏଥିରେ ଖିଲାପ କରାଗଲେ ତାଙ୍କର ଅନୁପସ୍ଥିତିରେ ଆବେଦନର ଶୁଣାଣି ଓ ଫଇସଲା କରାଯିବ ।
ମୋ ସ୍ୱାକ୍ଷର ଏବଂ ଏହି ନ୍ୟାୟାଧିକରଣର ସହି ମୋହର ଅଧୀନରେ ୨୯ ଜାନୁୟାରୀ, ୨୦୨୪ ଦିନ ପ୍ରଦତ୍ତ ।

ନିଖିଳ ରଞ୍ଜନ ପତି
ନିବନ୍ଧକ



**ଜିଲ୍ଲା ନିବନ୍ଧକଙ୍କ କାର୍ଯ୍ୟାଳୟ, ସୁବର୍ଣ୍ଣପୁର**

ସଂଖ୍ୟା: ୧୬୪ **ବିଜ୍ଞପ୍ତି** ତାରିଖ: ୧୩।୦୩।୨୦୨୪

ଏତଦ୍ୱାରା ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣେଇ ଦିଆଯାଉଅଛି ଯେ, ଆସନ୍ତା ୨୦୨୪–୨୬ ବର୍ଷ ପାଇଁ ଜମିବାଡ଼ିର ମୂଲ୍ୟ ଜିଲ୍ଲାସ୍ତରୀୟ ବେଞ୍ଚ ମାର୍କ ମୂଲ୍ୟାୟନ କମିଟି ଦ୍ୱାରା ନିର୍ଦ୍ଧାରଣ କରା ହୋଇଅଛି। ମୂଲ୍ୟାୟନ ଉପରେ ଯଦି କାହାର କିଛି ଆପତ୍ତି ଅଭିଯୋଗ ଥାଏ, ତେବେ ନିକଟସ୍ଥ ଉପ–ନିବନ୍ଧକଙ୍କ ଜରିଆରେ କିମ୍ବା ସିଧାସଳଖ ଜିଲ୍ଲା ନିବନ୍ଧକଙ୍କ କାର୍ଯ୍ୟାଳୟରେ ଲିଖିତ ଭାବେ ଆସନ୍ତା ୧୫ ଦିନ ମଧ୍ୟରେ ଜଣାନ୍ତୁ। ନିର୍ଦ୍ଧାରିତ ତାରିଖ ପରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ।

ସ୍ୱା./– ଜିଲ୍ଲା ନିବନ୍ଧକ, ସୁବର୍ଣ୍ଣପୁର



**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୬୫ **ବିଜ୍ଞାପନ** ତା:୧୪।୦୩।୨୦୨୪

No. CAD-4647: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏମ୍ଆଇଜି–୧–୩୭/୧ (MIG-I-37/1) ଚନ୍ଦ୍ରଶେଖରପୁର, ୧ମ ପର୍ଯ୍ୟାୟ ହାଉସିଂ ପ୍ରକଳ୍ପ ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ଦେବାଶିଷ କର, ପିତା: ପୂର୍ଣ୍ଣଚନ୍ଦ୍ର କର, ସା: ବେଦପୁର, ପୋ: ବାଙ୍କି, ଥାନା: ବାଙ୍କି, ଜିଲ୍ଲା: କଟକଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ଦେବାଶିଷ କର ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ଧୀରେନ୍ଦ୍ର କୁମାର ସାହୁ, ପିତା: ସ୍ୱ କେଶବ ଚନ୍ଦ୍ର ସାହୁ, ସା: ମାଧପୁର, ପୋ: ସୟଦପୁର, ଥାନା: ବିଞ୍ଝାରପୁର, ଜିଲ୍ଲା: ଯାଜପୁରଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।
ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0739/2324



**ODISHA COMPUTER APPLICATION CENTRE**
OCAC
**REQUEST FOR PROPOSAL**
Enq. No.: OCAC-IFITP-PROP-0002-2024/24052

Odisha Computer Application Centre (OCAC) invites Request for Proposal (RFP) for Selection of Agency for Procurement, Supply & Installation of Holographic Telepresence Room at OCAC. For details please visit websites www.ocac.in & www.odisha.gov.in.

The bid shall be submitted in electronic mode only in the portal https://enivida.odisha.gov.in latest by **06.04.2024, 3:00 PM.** OCAC reserves the right to accept/reject any/ all bids without assigning any reason thereof.

**General Manager(Admin), OCAC,** Plot No.-N-1/7-D, Acharya Vihar, P.O.-RRL, Bhubaneswar-751013, Ph.-2567280/ 2567064/ 2567295
No. U-87 OIPR-16003/11/0159/2324



**DISTRICT TREASURY, MALKANGIRI**
Notice No.76 Date 13.03.24

**TENDER CALL NOTICE**

No.S:- Sealed tenders in prescribed form are invited by the udnersigned from reputed Manpower Agencies (Service Providing Agencies) for supply of 1 No. of unskilled manpower.

The details of tender paper / tender schedule can be obtained on payment of Rs.500/- (Rupees Five Hundred) only in shape of DD/ Bankers' Cheque in favour of the District Treasury, Malkangiri during the office hour from date 15.03.2024 to 30.03.2024 any working days 10.00 A.M. to 5.30 P.M. The cost of tender paper is not refundable and the sealed tender paper duly filled up along with all required documents must be sent through Speed Post / Regd. Post only to District Treasury Officer, Malkangiri during the office hour of any working days from 15.03.2024 to 30.03.2024. The last day of receiving the tender is 30.03.2024, 5.00 P.M. The sealed tender will be opened on 02.04.2024 at 3.00 P.M. by the tender Committee and in presence of the tenderers or their authorized agents. No Telegraphic / Courier tender will be accepted. The tender paper can also be downloaded from the District website. In case of downloading, cost of the tender paper can be paid in Demand Draft only.

However the undersigned reserves the right to reject/ cancel any or all the tenders at any time without assigning any reason thereof.

Sd./- District Treasury Officer, Malkangiri
OIPR-05057/11/0001/2324



**OFFICE OF THE EXECUTIVE ENGINEER, MINOR IRRIGATION DIVISION, SIMDEGA.**

**e-Procurement Tender Notice**
**Tender Reference No. WRD/MID/SIMDEGA/F2-14/2023-24 Date :- 14/03/2024**

| | | | | |
|---|---|---|---|---|
| 1. | Name of the work:- Construction of Series of Checkdam on Swang Nala Block- Jaldega | Estimated Cost (Rs.) | Earnest Money (Rs.) | Cost of Tender Paper (Rs.) |
| | | 193,26,000.00 | 3,86,600.00 | 10,000.00 |
| 2. | Time of Completion. | 335 days (11 Month) | | |
| 3. | Date of Publication of Tender on website | 18/03/2024 (2:00PM.) | | |
| 4. | Last date/Time for submission of Bids (online) | 05/04/2024 (up to 5:00 PM.) | | |
| 5. | Online submission of Tender Fee and EMD | e-Procurement Portal (http://jharkhandtenders.gov.in ) 05/04/2024 (up to 5:00 PM.) | | |
| 6. | Date of opening of e-tender | 08/04/2024 ( 02.00 PM) | | |
| 7. | Name & address of office Inviting tender | EXECUTIVE ENGINEER,MINOR IRRIGATION, DIVISION,SIMDEGA. | | |
| 8(a) | Contact no. of Procurement officer | 7004377291 | | |
| (b) | E-mail of e-procurement Officer | midivsimdg@gmail.com | | |
| 9. | Helpline number of e-Procurement cell. | 0651-2491232 | | |

**Note :-(1) Only e-Tenders will be accepted.**
**(2) Published Estimated Cost may be Increase or Decrease.**
Further details can be seen on website http://jharkhandtenders.gov.in

Executive Engineer,
M.I.Division,Simdega.
PR 322628 (Minor Irrigation)23-24*D



**GOVERNMENT OF ODISHA** No. O-2799
**OFFICE OF THE SUPERINTENDING ENGINEER, RURAL WORKS DIVISION, BARIPADA**
e-mail: rw_mayurbhanj@yahoo.co.in
**e-Procurement Tender Call Notice No. Online 31/RWD/BPD/2023-24**

1. Name of the Work : Building Works
2. Total No. of Works : 41 Nos.
3. Estimated Cost : Approx. Estimated Cost Rs.8.42 lakhs & Rs.55.89 lakhs
4. Class of Contractor : 'D' & 'C' / 'C' & 'B' / 'B'
5. EMD : EMD @ 1% of Estimated Cost put to tender
6. Period of Completion : As per Annexure
7. Other Details :

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & time of opening of tender in the O/o. S.E. Rural Works Division, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | |
| S.E.R.W. Division, Baripada | 31 (Online)/ RWD-BPD of 2023-24 | 16.03.2024 at 11.00 A.M. | 03.04.2024 upto 5.00 P.M. | 03.04.2024 upto 3.00 P.M. | 03.04.2024 at 05.30 P.M. | Intimate Later |

Further details can be seen from the website **www.tendersorissa.gov.in.**
**OIPR-25057/11/0044/2324** **Sd./- Superintending Engineer, R.W. Division, Baripada**



**GOVERNMENT OF ODISHA**
**OFFICE OF THE BLOCK DEVELOPMENT OFFICER, JAMANKIRA BLOCK, SAMBALPUR**
EMAIL ID: ori-jamankira@nic.in
**INVITATION SHORT TENDER CALL NOTICE**

The Block Development Officer, Jamankira, Sambalpur on behalf of Government of Odisha invites percentage rate bids in sealed cover for the following works from class of eligible contractors.

| Sl. No. | Location | Name of the Work | Estimate Amount put to tender (in Rs.) Excluding GST | Cost of Tender paper (Non Refundable) (In Rs.) | Bid Security EMD 1% (In Rs.) | Period of Completion | Class of Contractor |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Jamankira | Const. of Mukhya Mantri Sabha Ghar at Jamankira, Jamankira GP | 33,85,000/- | 6000/- | 33850/- | 5 (Five) Calendar Months | 'B' & 'C' |

1. Available Bid documents in office of the Panchayat Samiti, Jamankira from 14.03.2024 to 26.03.2024 during office hour.
2. Last date of submission of tender paper is 27.03.2024 at 5.00 P.M.
All other details can be seen from Bid documents.

**Block Development Officer, Jamankira**



**कार्यपालक अभियंता सह राजमार्ग पदाधिकारी का कार्यालय पथ निर्माण विभाग, पथ प्रमण्डल, कोडरमा**

**अति अल्पकालीन ई–निविदा आमंत्रण सूचना**
**Tender Reference No. : RCD/KODERMA/304/2024**
**दिनांक:-14.03.2024**

| | | |
|---|---|---|
| 1. | कार्य का नाम | पथ प्रमण्डल,कोडरमा अन्तर्गत "बरियाडीह से मरकच्चो पथ के कि0मी0 0.00 से 15. 00 कि0मी0 तक का राईडिंग क्वालिटी में सुधार (Improvement of Riding Quality) कार्य" वित्तीय वर्ष 2023–24 |
| 2. | प्राक्कलित राशि | **Rs. 10.08,71,900.00**(दस करोड़ आठ लाख एकहत्तर हजार नौ सौ रूपये) मात्र। |
| 3. | अग्रधन की राशि | **Rs. 10,09,000.00** (दस लाख नौ हजार रूपये) मात्र। |
| 4. | कार्य पूर्ण करने की अवधि | 03(तीन) माह। |
| 5. | बेवसाइट पर निविदा प्रकाशन की तिथि। | **19.03.2024, 10:30 बजे से।** |
| 6. | बिड प्राप्ति की अन्तिम तिथि | **26.03.2024, 12.00 बजे तक।** |
| 7. | बिड खुलने की तिथि | **28.03.2024, 12.30 बजे तक।** |
| 8. | निविदा आमंत्रित करने वाले कार्यालय का नाम एवं पता। | कार्यपालक अभियन्ता का कार्यालय,प0नि0वि0, पथ प्रमण्डल, कोडरमा। |
| 9. | हेल्प लाइन नं0 | **0651-2446002** |

पथ निर्माण विभाग,झारखण्ड सरकार में निबंधित संवेदकों के लिये UCAN निबंधन आवश्यक है।
***Further details can be seen on website***
http://jharkhandtenders.gov.in

कार्यपालक अभियंता
प0नि0वि0, पथ प्रमण्डल,
कोडरमा
PR 322702 (Road) 23-24 (D)



**GOVT. OF ODISHA** e-mail Id - eerrcd6jagatpur@gmail.com
**DEPARTMENT OF WATER RESOURCES, OFFICE OF THE SUPERINTENDING ENGINEER**
**RENGALI RIGHT CANAL DIVISION NO. - VI, JAGATPUR, CUTTACK**
**'e' Procurement Notice**

No. A-1729: The Superintending Engineer, Rengali Right Canal Division No. VI, Jagatpur Cuttack on behalf of the Governor of Odisha invites online percentage basis bids in Single Cover System for construction of the work as detailed below.

1. Name of the Work : Construction of PCC Link Drain on left side of canal from RD 18.546 Km to 18.846 Km of DBC of RBC of RIP
2. Tender Cost : Rs.41.67 lakh
3. Bid Document Cost : Rs.6,000.00 (Online)
4. Bid Security : Rs.41,700.00
5. Class of Contractor : "B" Class
6. Period of Completion : 03 Calendar Months (90 days)
7. Other details are as follows :

| Procurement Officer | Bid Identification No. | Availability of Tender Online for Bidding | | Date of Opening of Bid |
|---|---|---|---|---|
| | | From | To | |
| Superintending Engineer, Rengali Right Canal Division No.-VI, Jagatpur, Cuttack | SERRCDVI-03/ 2023-24 | 18.03.2024 10.00 A.M. | 28.03.2024 5.30 P.M. | 30.03.2024 11.00 A.M. |

8. Further details can be seen from the e-procurement portal **https://www.tendersodisha.gov.in.** Any addendum/ Corrigendum/Cancellation to the above notice will be published in the Govt. website **www.tendersodisha.gov.in.**

**OIPR-32527/11/0001/2324** **Sd./- Superintending Engineer, Rengali Right Canal Division No.VI, Jagatpur, Cuttack**


See Career Appointment on every Wednesday & Saturday

# ଏକସଙ୍ଗେ ନିର୍ବାଚନ ପାଇଁ କୋବିନ୍ଦ କମିଟିର ସୁପାରିସ

## ଗୋଟିଏ ଭୋଟର ତାଲିକା ପ୍ରସ୍ତୁତ ହେବ

## ଝୁଲା ପାର୍ଲାମେଣ୍ଟ ହେଲେ ସାନି ନିର୍ବାଚନ ହେବ

ନୂଆଦିଲ୍ଲୀ,୧୪।୩ (ପି.ଟି.)

ଦେଶରେ ଏକସଙ୍ଗେ ଲୋକ ସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକର ନିର୍ବାଚନ କରାଇବା ପାଇଁ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ କମିଟି ଗୁରୁବାର କେନ୍ଦ୍ର ସରକାରଙ୍କୁ ସୁପାରିସ କରିଛି। ଏହାର ୧୦୦ ଦିନ ମଧ୍ୟରେ ପୌର ଓ ପଞ୍ଚାୟତ ନିର୍ବାଚନ କରାଇବା ପାଇଁ କୁହାଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ କମିଟି ପ୍ରଦାନ କରିଥିବା ୧୮,୦୦୦ ପୃଷ୍ଠାର 'ୱାନ୍ ନେଶନ ୱାନ୍ ଇଲେକ୍ସନ' ରିପୋର୍ଟରେ କୁହାଯାଇଛି, ଏକସଙ୍ଗେ ନିର୍ବାଚନ ହେଲେ ଦେଶର ବିକାଶ ଓ ସାମାଜିକ ଏକତାକୁ ପ୍ରୋତ୍ସାହିତ କରିବା ସହ ଗଣତାନ୍ତ୍ରିକ ଦିଶାନିର୍ଦ୍ଦେଶକୁ ଦୃଢ଼ କରିବ ଏବଂ ଇଣ୍ଡିଆ ତଥା ଭାରତର ଆଶା ଆକାଂକ୍ଷାକୁ ବୁଝିବା ସହଜ ହେବ।

କୌଣସି ଦଳକୁ ପୂର୍ଣ୍ଣ ବହୁମତ ନ ମିଳି ଝୁଲା ଲୋକ ସଭା ହେଲେ କିମ୍ବା ଅନାସ୍ଥା ପ୍ରସ୍ତାବ ଅଥବା ସେଭଳି କିଛି ସମସ୍ୟା ଦେଖାଦେଲେ, ସାନି ନିର୍ବାଚନ କରାଯାଇପାରିବ ବୋଲି କମିଟି ସୁପାରିସ କରିଛି। ମଧ୍ୟବର୍ତ୍ତୀ ସମୟରେ ସାନି ନିର୍ବାଚନ ହେଲେ ଲୋକ ସଭାର କାର୍ଯ୍ୟକାଳ ଅବଶିଷ୍ଟ ଅବଧି ଯାଏ କାଏମ ରହିବ। ସେହିପରି କୌଣସି ରାଜ୍ୟ ବିଧାନସଭା ପାଇଁ ସାନି ନିର୍ବାଚନ ହେଲେ ଏହାର କାର୍ଯ୍ୟକାଳ ଲୋକ ସଭାର ପୂର୍ଣ୍ଣ କାର୍ଯ୍ୟକାଳ ଶେଷ ହେବା ପର୍ଯ୍ୟନ୍ତ ରହିବ। ଏଭଳି ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ହେଲେ, ସମ୍ବିଧାନର ଅନୁଚ୍ଛେଦ ୮୩(ପାର୍ଲାମେଣ୍ଟର କାର୍ଯ୍ୟକାଳ) ଏବଂ ଅନୁଚ୍ଛେଦ ୧୭୨(ରାଜ୍ୟ ବିଧାନସଭାଗୁଡ଼ିକର କାର୍ଯ୍ୟକାଳ)ରେ ସଂଶୋଧନ ହେବା ଆବଶ୍ୟକ ବୋଲି କମିଟି କହିଛି। ଉକ୍ତ ସମ୍ବିଧାନ ସଂଶୋଧରେ ରାଜ୍ୟଗୁଡ଼ିକର ସମର୍ଥନ ଆବଶ୍ୟକ ହେବନାହିଁ।

ରାଜ୍ୟ ନିର୍ବାଚନ କର୍ତ୍ତୃପକ୍ଷମାନଙ୍କ ସହ ପରାମର୍ଶ କରି ଭାରତର ନିର୍ବାଚନ କମିଶନ (ଇସିଆଇ) ଗୋଟିଏ ଭୋଟର ତାଲିକା ଏବଂ ଭୋଟର ପରିଚୟପତ୍ର ପ୍ରସ୍ତୁତ କରିବାକୁ କମିଟି ସୁପାରିସ କରିଛି। ଏଥିପାଇଁ ଉଦ୍ଦିଷ୍ଟ ଅନୁଚ୍ଛେଦ ୩୨୫ରେ ଆବଶ୍ୟକ ସଂଶୋଧନ କରାଯାଇପାରିବ ବୋଲି କମିଟି କହିଛି। ବର୍ତ୍ତମାନ ଇସିଆଇ ଲୋକ ସଭା ଏବଂ ବିଧାନସଭାଗୁଡ଼ିକର ନିର୍ବାଚନ କରାଉଥିବାବେଳେ ରାଜ୍ୟ ନିର୍ବାଚନ କର୍ତ୍ତୃପକ୍ଷ ପୌର ପଞ୍ଚାୟତ ନିର୍ବାଚନ କରାଇଥାନ୍ତି। କମିଟି ଅନେକ ସମ୍ବିଧାନ ସଂଶୋଧନ ପାଇଁ ସୁପାରିସ କରିଥିବାବେଳେ ସେଥିରୁ ଅଧିକାଂଶ କ୍ଷେତ୍ରରେ ରାଜ୍ୟଗୁଡ଼ିକର ସମର୍ଥନ ଆବଶ୍ୟକ ପଡ଼ିବ ନାହିଁ।

କମିଟିର କହିବା ଅନୁଯାୟୀ ପ୍ରତିବର୍ଷ ଏକାଧିକ ନିର୍ବାଚନ ଅନୁଷ୍ଠିତ ହେଉଥିବାରୁ ସରକାରଙ୍କ ଉପରେ ଅତ୍ୟଧିକ ବୋଝ ପଡୁଛି। ନିର୍ବାଚନରେ ଭାଗନେଉଥିବା ରାଜନୈତିକ ଦଳ, ପ୍ରାର୍ଥୀଙ୍କ ସମେତ ବ୍ୟବସାୟୀ, ସିଭିଲ୍ ସୋସାଇଟି ସମସ୍ତଙ୍କ ଉପରେ ଆର୍ଥିକ ଚାପ ପଡୁଛି। ଏହାକୁ ବନ୍ଦ କରି ଏକସଙ୍ଗେ ନିର୍ବାଚନ ପାଇଁ ସରକାର ଆଇନସଙ୍ଗତ ବ୍ୟବସ୍ଥାର ବିକାଶ କରିବା ଆବଶ୍ୟକ ବୋଲି କମିଟି କହିଛି। କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଗଠିତ 'ୱାନ୍ ନେଶନ ୱାନ୍ ଇଲେକ୍ସନ' କମିଟିରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ପୂର୍ବତନ ଅର୍ଥ କମିଶନ ଅଧ୍ୟକ୍ଷ ଏନ୍.କେ. ସିଂ, ପୂର୍ବତନ ଲୋକ ସଭା ମହାସଚିବ ସୁଭାଷ କାଶ୍ୟପ, ରାଜ୍ୟ ସଭାର ପୂର୍ବତନ ବିରୋଧୀ ଦଳ ନେତା ଗୁଲାମ ନବୀ ଆଜାଦ ଏବଂ ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ସଦସ୍ୟ ରହିଛନ୍ତି। ୨୦୨୩ ସେପ୍ଟେମ୍ବର ୨ରେ କମିଟି ଗଠନ କରାଯାଇଥିଲା। କମିଟି ଜର୍ମାନୀ, ଦକ୍ଷିଣ ଆଫ୍ରିକା, ସୁଇଡେନ୍, ବେଲ୍‌ଜିୟମ, ଜାପାନ, ଇଣ୍ଡୋନେସିଆ ଏବଂ ଫିଲିପାଇନ୍ସର ନିର୍ବାଚନ ପ୍ରକ୍ରିୟାକୁ ଅନୁଧ୍ୟାନ କରିଥିଲେ। ୧୯୧ ଦିନ ଧରି ଅନେକ ବିଶେଷଜ୍ଞ ଏବଂ ଷ୍ଟେକ୍‌ହୋଲ୍ଡରମାନଙ୍କ ସହ ବିସ୍ତୃତ ବିଚାରବିମର୍ଶ ପରେ ଉକ୍ତ ରିପୋର୍ଟ ପ୍ରସ୍ତୁତ ହୋଇଛି। ପରାମର୍ଶ ସମୟରେ ୩ ଜଣ ପୂର୍ବତନ ହାଇକୋର୍ଟ ମୁଖ୍ୟ ବିଚାରପତି ଏବଂ ଜଣେ ରାଜ୍ୟ ନିର୍ବାଚନ କମିଶନର ଏକସଙ୍ଗେ ନିର୍ବାଚନ ଚିନ୍ତାଧାରାକୁ ବିରୋଧ କରିଥିଲେ। ସେମାନେ ହେଲେ ଦିଲ୍ଲୀ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଅଜିତ ପ୍ରକାଶ ଶାହ, କାଲ୍‌କୋଟା ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଗିରୀଶ ଚନ୍ଦ୍ର ଗୁପ୍ତା, ମାଡ୍ରାସ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ସଞ୍ଜୀବ ବାନାର୍ଜୀ ଏବଂ ତାମିଲନାଡୁର ନିର୍ବାଚନ କମିଶନର ଭି. ପାଲାନିକୁମାର।



ୱାନ୍ ନେଶନ୍ ୱାନ୍ ଇଲେକ୍ସନ୍ କମିଟି ଅଧ୍ୟକ୍ଷ ରାମନାଥ କୋବିନ୍ଦ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ରିପୋର୍ଟ ପ୍ରଦାନ କରୁଛନ୍ତି।

## ଶରଦ ପାୱାରଙ୍କ ନାଁ, ଫଟୋ ବ୍ୟବହାର କରନାହିଁ

**ଅଜିତ ଗୋଷ୍ଠୀକୁ ସୁପ୍ରିମକୋର୍ଟଙ୍କ ତାଗିଦା**

ନୂଆଦିଲ୍ଲୀ,୧୪।୩ (ପି.ଟି.)

ରାଜନୈତିକ ଫାଇଦା ପାଇଁ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ଗୋଷ୍ଠୀ ବରିଷ୍ଠ ନେତା ଶରଦ ପାୱାରଙ୍କ ନାମ ଏବଂ ଫଟୋକୁ ବ୍ୟବହାର କରିପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ ଟିପ୍ପଣୀ ଦେଇଛନ୍ତି। ଅଜିତଙ୍କ ନେତୃତ୍ୱାଧୀନ ବିରୋଧୀ ଗୋଷ୍ଠୀ ରାଜନୈତିକ ଫାଇଦା ପାଇଁ ପାୱାରଙ୍କ ଲୋକପ୍ରିୟତାର ଦୁରୁପଯୋଗ କରୁଥିବା ଅଭିଯୋଗ ଉପରେ ସର୍ବୋଚ୍ଚ ଅଦାଲତ ଜବାବ ମାଗିଛନ୍ତି। ଶରଦ ପାୱାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଭିଷେକ ସିଂଘଭି କୋର୍ଟରେ ଉପସ୍ଥିତ ରହି କହିଥିଲେ, ମରାଠା ଷ୍ଟଲୱାର୍ଟଙ୍କ ନାଁ ଓ ଫଟୋକୁ ଅଜିତ ଗୋଷ୍ଠୀର ଏନ୍‌ସିପି ପୋଷ୍ଟରରେ ବ୍ୟବହାର କରୁଛି। ମୂଳ ଏନ୍‌ସିପିରୁ ଅଲଗା ହୋଇଯିବା ପରେ କେବଳ ନିଜ ପରିଚୟକୁ ବ୍ୟବହାର କରିବାକୁ ହେବ ବୋଲି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ କେ.ଭି. ବିଶ୍ୱନାଥନ ଉପମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱାଧୀନ ଗୋଷ୍ଠୀକୁ କହିଛନ୍ତି। ଆଉ ଶରଦ ପାୱାରଙ୍କ ନାଁ ଓ ଫଟୋ ବ୍ୟବହାର ନ କରିବାକୁ ନିଃସର୍ତ୍ତ ଲିଖିତ ପ୍ରତିଶ୍ରୁତି ସହ ସତ୍ୟପାଠ ଶନିବାର ସୁଦ୍ଧା ଦାଖଲ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

## ୧୮ ଓଟିଟି, ୧୦ ଆପ୍ ଓ ୧୯ ୱେବ୍‌ସାଇଟ୍ ବ୍ୟାନ୍

ନୂଆଦିଲ୍ଲୀ, ୧୪।୩

ବିଭିନ୍ନ ଓଟିଟି ପ୍ଲାଟଫର୍ମରେ ଅଶ୍ଳୀଳ କଣ୍ଟେଣ୍ଟକୁ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗୁରୁବାର କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସାରା ଦେଶରେ ୧୮ଟି ଓଟିଟି ପ୍ଲାଟଫର୍ମ ଓ ଏହା ସହ ସମ୍ବନ୍ଧିତ ଥିବା ୫୭ଟି ସୋସିଆଲ ମିଡିଆ ହ୍ୟାଣ୍ଡେଲ, ୧୯ଟି ୱେବ୍‌ସାଇଟ୍ ଓ ୧୦ଟି ଆପ୍‌କୁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ନିଷିଦ୍ଧ କରାଯାଇଛି। ଆଇଟି ଆକ୍ଟର ଧାରା ୬୭ ଓ ୬୭ଏ, ଆଇପିସିର ଧାରା ୨୯୨ ଏବଂ ଇଣ୍ଡିପେଣ୍ଡେଣ୍ଟ ରିପ୍ରେଜେଣ୍ଟେସନ୍ ଅଫ୍ ଓମେନ୍ (ପ୍ରୋହିବିଜନ୍) ଆକ୍ଟ,୧୯୮୬ର ସେକ୍ସନ ୪ ଅନୁଯାୟୀ ଏହି ପ୍ଲାଟଫର୍ମ ଗୁଡ଼ିକର କଣ୍ଟେଣ୍ଟ୍ ନିୟମ ଉଲ୍ଲଙ୍ଘନ କରୁଥିଲା। ଭାରତ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ, ଗଣମାଧ୍ୟମ, ମନୋରଞ୍ଜନ ଓ ମହିଳା ଏବଂ ଶିଶୁ ଅଧିକାର କ୍ଷେତ୍ରରେ ବିଭିନ୍ନ ବିଶେଷଜ୍ଞଙ୍କ ସହ ଆଲୋଚନା ପରେ ସୂଚନା ପ୍ରଯୁକ୍ତିବିଦ୍ୟା ଅଧିନିୟମ, ୨୦୦୦ ଅନୁଯାୟୀ ଏହି ନିଷ୍ପତ୍ତି ନିଆଯାଇଛି। ବ୍ୟାନ୍ କରାଯାଇଥିବା ଓଟିଟି ପ୍ଲାଟଫର୍ମଗୁଡ଼ିକ ମଧ୍ୟରେ ଡ୍ରିମ୍ ଫିଲ୍ମସ, ୟେସ୍‌ମା, ଅନ୍‌କଟ୍ ଆଡ୍ଡା, ଟ୍ରାଇ ଫ୍ଲିକ୍ସ, ଏକ୍ସ ପ୍ରାଇମ, ମୁଡ୍ ଏକ୍ସ, ମୋଜ୍ ଫ୍ଲିକ୍ସ, ପ୍ରାଇମ ପ୍ଲେ ଓ ଅନ୍ୟାନ୍ୟ ପ୍ଲାଟଫର୍ମ ସାମିଲ ରହିଛି। ଏହିସବୁ ପ୍ଲାଟଫର୍ମ ବିଭିନ୍ନ ଅଶ୍ଳୀଳ, ଆପତ୍ତିଜନକ, ଯୌନ କାର୍ଯ୍ୟକଳାପ ଆଦି କଣ୍ଟେଣ୍ଟ୍ ପ୍ରସାରଣ କରିଥିବାରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର ସୂଚନା ଦେଇଛନ୍ତି।

## ମମତା ବାନାର୍ଜୀ ଆହତ



କୋଲକାତା,୧୪।୩ (ପି.ଟି.)

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗୁରୁବାର ସନ୍ଧ୍ୟାରେ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ତୃଣମୂଳ କଂଗ୍ରେସ ପକ୍ଷରୁ କୁହାଯାଇଛି। ୬୯ ବର୍ଷୀୟା ଟିଏମ୍‌ସି ନେତ୍ରୀ ଏକ କାର୍ଯ୍ୟକ୍ରମରୁ ଫେରିବା ପରେ ଦକ୍ଷିଣ କୋଲକାତାର କାଳୀଘାଟସ୍ଥିତ ବାସଭବନରେ ପଡ଼ିଯିବାରୁ କପାଳରେ ଆଘାତ ଲାଗିଥିଲା। ଦଳର ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀ ମମତାଙ୍କୁ କୋଲକାତାର ଏସ୍‌ଏସ୍‌କେଏମ୍ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି।

## ୪୦୦ କୋଟି ସଂଗ୍ରହ ଲାଗି କେନ୍ଦ୍ରୀୟ ଏଜେନ୍ସିର ଦୁରୁପଯୋଗ କରିଛି ଭାଜପା

**କଂଗ୍ରେସର ଅଭିଯୋଗ**

ନୂଆଦିଲ୍ଲୀ,୧୪।୩ (ପି.ଟି.)

ଭାଜପା ୪୫ଟି କମ୍ପାନୀରୁ ଇଲେକ୍ଟୋରାଲ ବଣ୍ଡ ଜରିଆରେ ୪୦୦ କୋଟି ଟଙ୍କା ସଂଗ୍ରହ କରିବା ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଭଳି କେନ୍ଦ୍ରୀୟ ଏଜେନ୍ସିର ଦୁରୁପଯୋଗ କରିଥିବା କଂଗ୍ରେସ ଗୁରୁବାର ଅଭିଯୋଗ ଆଣିଛି। ଏହିସବୁ କମ୍ପାନୀ ଉପରେ ଚଢ଼ାଉ ପରେ ସେମାନେ ଭାଜପାକୁ ଚାନ୍ଦା ଦେଇଥିଲେ। ଗଣତନ୍ତ୍ର ବିଷୟରେ ଚିନ୍ତା କରୁଥିଲେ ଭାଜପା ଏହାର ପାଣ୍ଠି ସଂଗ୍ରହ ଉପରେ ଏକ ଶ୍ୱେତପତ୍ର ଆଣୁ ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। ଏକ ଗଣମାଧ୍ୟମ ରିପୋର୍ଟକୁ ଦେଖାଇ ସେ କହିଛନ୍ତି, କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାର ଚଢ଼ାଉ ପରେ ଆଉ ୧୫ଟି କମ୍ପାନୀ ଭାଜପାକୁ ଚାନ୍ଦା ଦେଇଥିବା ଏକ ସାନି ତଦନ୍ତରୁ ଜଣାପଡ଼ିଛି। ଅଧିକ ଚାନ୍ଦା ପାଇବା ପାଇଁ ଏହା ବ୍ଲାକ୍‌ମେଲ, ନା ଜବରଦସ୍ତ ଆଦାୟ ନା ଲୁଟ୍ ବୋଲି ଖାର୍ଗେ ପ୍ରଶ୍ନ କରିଛନ୍ତି। ୪ଟି ନାମମାତ୍ର କମ୍ପାନୀ ମଧ୍ୟ ଭାଜପାକୁ ଚାନ୍ଦା ଦେଇଛନ୍ତି। ଏକଚ୍ଛତ୍ରବାଦୀ ମୋଦି ସରକାର ଚାନ୍ଦା ପାଇଁ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକୁ ଲଗାଇଥିବାବେଳେ କଂଗ୍ରେସର ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରିଦେଇଥିବା ଖାର୍ଗେ ଅଭିଯୋଗ କରିଛନ୍ତି। ଲୁଟ୍ ଅର୍ଥକୁ ସୁରକ୍ଷା ଦେବା ପାଇଁ ଭାଜପା ଅସାମ୍ବିଧାନିକ ଏବଂ ବେଆଇନ ଇଲେକ୍ଟୋରାଲ ବଣ୍ଡ୍ ବ୍ୟବହାର କରୁଥିଲା। ଯଦି ଗଣତନ୍ତ୍ରର ଜନନୀ ପାଇଁ ଭାଜପା ଚିନ୍ତା କରୁଥାଏ, ତେବେ ନିଜ ଅର୍ଥ ବ୍ୟବସ୍ଥା ଉପରେ ଶ୍ୱେତପତ୍ର ଆଣିବାକୁ ଖାର୍ଗେ ଦାବି କରିଛନ୍ତି।

## ଭାଜପାରେ ପରନୀତ କୌର

ଚଣ୍ଡିଗଡ଼, ୧୪।୩



ଲୋକ ସଭା ନିର୍ବାଚନ ପୂର୍ବରୁ ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ କ୍ୟାପ୍ଟେନ ଅମରିନ୍ଦର ସିଂଙ୍କ ସ୍ତ୍ରୀ ତଥା ନିଲମ୍ବିତ କଂଗ୍ରେସ ସାଂସଦ ପରନୀତ କୌର ଗୁରୁବାର ଭାଜପାରେ ଯୋଗ ଦେଇଛନ୍ତି। ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ବିନୋଦ ତାୱ୍ଡେ ଓ ପଞ୍ଜାବ ଭାଜପା ସଭାପତି ସୁନୀଲ ଝାକରଙ୍କ ଉପସ୍ଥିତିରେ ସେ ପଦ୍ମ ଧରିଛନ୍ତି। ଦଳ ବିରୋଧୀ କାର୍ଯ୍ୟ ପାଇଁ ଗତବର୍ଷ ଫେବୃଆରୀରେ ପରନୀତଙ୍କୁ କଂଗ୍ରେସ ନିଲମ୍ବନ କରିଥିଲା। ୪ ଥର ଏମ୍‌ପି ଭାବେ ନିର୍ବାଚିତ ହୋଇଥିବା ପରନୀତ ଭାଜପାରେ ଯୋଗଦେବା ପରେ ତାଙ୍କୁ ପଟିଆଲା ଆସନରୁ ପ୍ରାର୍ଥୀ କରାଯିବା ନେଇ ଚର୍ଚ୍ଚା ଜୋର ଧରିଛି।

## ବିଲ୍ଡିଂରେ ନିଆଁ: ୨ ଶିଶୁ ସମେତ ୪ ଜଳିଗଲେ

ନୂଆଦିଲ୍ଲୀ, ୧୪।୩

ଦିଲ୍ଲୀର ଶାସ୍ତ୍ରୀନଗର ଅଞ୍ଚଳରେ ଥିବା ଏକ ୪ ମହଲା କୋଠାରେ ଗୁରୁବାର ନିଆଁଲାଗି ୪ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୯ ଜଣ ଆହତ ହୋଇଛନ୍ତି। ଅଗ୍ନିକାଣ୍ଡ ଘଟିଥିବା ଖବର ପାଇ ଦିଲ୍ଲୀ ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ଉକ୍ତ ବିଲ୍ଡିଂରୁ ୯ ଜଣଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରିଥିଲେ। ଆହତ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରୁ ୪ ଜଣ ମହିଳା, ୩ ଜଣ ପୁରୁଷ ଓ ୨ ଜଣ ଶିଶୁ ରହିଥିବାବେଳେ ସମସ୍ତଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଛି। ଉକ୍ତ ବିଲ୍ଡିଂର ତଳ ମହଲାରୁ ୨ ଶିଶୁଙ୍କ ସହ ୪ ଜଣଙ୍କ ମୃତଦେହ ମିଳିଥିବାବେଳେ ସମସ୍ତ ମୃତକ ଗୋଟିଏ ପରିବାରର ହୋଇଥିବା ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଅଗ୍ନିକାଣ୍ଡରେ ଉକ୍ତ ବିଲ୍ଡିଂର ପାର୍କିଂରେ ଥିବା ୪ଟି ଗାଡ଼ି ସମ୍ପୂର୍ଣ୍ଣ ଜଳିଯାଇଥିବା ପୋଲିସ ସୂଚନା ଦେଇଛି। ଏହି ଅଗ୍ନିକାଣ୍ଡର ତଦନ୍ତ ଚାଲିଥିବାବେଳେ, ଶର୍ଟ ସର୍କିଟ ଯୋଗୁ ବିଲ୍ଡିଂରେ ନିଆଁ ଲାଗିଥିବା ଅନୁମାନ କରାଯାଉଛି।





ନୂଆଦିଲ୍ଲୀର ରାମଲୀଳା ମଇଦାନରେ ଗୁରୁବାର କିଷାନ ମହାପଞ୍ଚାୟତ ବେଳେ ୨୪ ନମ୍ବର ଜାତୀୟ ରାଜପଥରେ ଟ୍ରାଫିକ ଜାମ୍।

## ମାନବ ବିକାଶ ସୂଚକାଙ୍କରେ ଭାରତର ଉନ୍ନତି

ନୂଆଦିଲ୍ଲୀ,୧୪।୩ (ପି.ଟି.)

ଜାତିସଂଘର ମାନବ ବିକାଶ ସୂଚକାଙ୍କ (ଏଚ୍‌ଡିଆଇ)ରେ ଭାରତ ଗୋଟିଏ ସ୍ଥାନ ଉପରକୁ ଉଠିଛି। ୨୦୨୨ରେ ୧୯୩ଟି ଦେଶକୁ ନେଇ କରାଯାଇଥିବା ସର୍ଭେରେ ଭାରତର ସ୍ଥାନ ୧୩୪ ରହିଛି। ୨୦୨୧ରେ ୧୯୧ଟି ଦେଶକୁ ନେଇ ହୋଇଥିବା ସର୍ଭେରେ ଭାରତର ଏଚ୍‌ଡିଆଇ ୧୩୫ ଥିଲା। ୨୦୨୨ର ଲିଙ୍ଗଗତ ଅସମାନତା ସୂଚକାଙ୍କ (ଜିଆଇଆଇ)ରେ ଭାରତ ୧୯୩ ଦେଶ ମଧ୍ୟରେ ୧୦୮ ସ୍ଥାନରେ ରହିଛି। ପୂର୍ବବର୍ଷ ଏହା ୧୨୨ତମ ସ୍ଥାନରେ ରହିଥିଲା। ତେବେ ଶ୍ରମଶକ୍ତି ଅଂଶଗ୍ରହଣ ହାରକୁ ଦେଖିଲେ ଭାରତରେ ପୁରୁଷ ଓ ମହିଳାଙ୍କ ମଧ୍ୟରେ ୪୭.୮ ପ୍ରତିଶତ ବ୍ୟବଧାନ ରହିଛି। ବିଭିନ୍ନ ଉପାର୍ଜନକ୍ଷମ କାର୍ଯ୍ୟରେ ଦେଶର ୭୬.୧ ପ୍ରତିଶତ ପୁରୁଷ ନିୟୋଜିତ ହେଉଥିବାବେଳେ ମହିଳାଙ୍କ ହାର ମାତ୍ର ୨୮.୩ ପ୍ରତିଶତ ରହିଛି। ୨୦୨୨ରେ ଭାରତର ଏଚ୍‌ଡିଆଇ ଭାଲ୍ୟୁ ୦.୬୪୪କୁ ବୃଦ୍ଧି ପାଇଥିଲା। ୨୦୨୧ରେ ତାହା ୦.୬୩୩ ଥିଲା।

ରିପୋର୍ଟ ଅନୁଯାୟୀ ଧନୀ ରାଷ୍ଟ୍ରଗୁଡ଼ିକ ମାନବ ବିକାଶରେ ରେକର୍ଡ କରିଥିବାବେଳେ ଅତିଗରିବ ମଧ୍ୟରୁ ଦେଶ ମଧ୍ୟରୁ ଅର୍ଦ୍ଧେକ ସେମାନଙ୍କ ପ୍ରାକ୍ ସଙ୍କଟ ସ୍ତର ତଳେ ରହିଛନ୍ତି। ୨୦୨୨ରେ ଭାରତରେ ଲୋକମାନଙ୍କ ଆୟୁଷ, ଶିକ୍ଷା, ମୋଟ ଜାତୀୟ ମୁଣ୍ଡପିଛା ଆୟରେ ଉନ୍ନତି ଘଟିଛି। ଲୋକଙ୍କ ହାରାହାରି ଆୟୁଷ ୬୭.୨ରୁ ୬୭.୭ ବର୍ଷକୁ ବଢ଼ିଛି। ପିଲାମାନଙ୍କ ଶିକ୍ଷାଗ୍ରହଣ ସମୟ ୧୨.୬ ବର୍ଷକୁ ବଢ଼ିଥିବାବେଳେ ମୁଣ୍ଡପିଛା ମୋଟ ଜାତୀୟ ଆୟ ୬,୫୪୨ ଡଲାରରୁ ୬,୯୫୧ ଡଲାରକୁ ବୃଦ୍ଧି ପାଇଛି। ଲିଙ୍ଗଗତ ବୈଷମ୍ୟତା କମାଇବାରେ ଭାରତ ବେଶ୍ ଉନ୍ନତି କରିଛି। ଏହାର ଜିଆଇଆଇ ଭାଲ୍ୟୁ ୦.୪୩୭ ରହିଛି, ଯାହାକି ବୈଶ୍ୱିକ ତଥା ଦକ୍ଷିଣ ଏସୀୟ ହାରାହାରିଠାରୁ ଉନ୍ନତ।

## ଉପଭୋକ୍ତା ସଚେତନ ହେବା ଜରୁରୀ

**ବିଶ୍ୱ ଉପଭୋକ୍ତା ଅଧିକାର ଦିବସ**



ଆଜିର ଯୁଗରେ ଗ୍ରାହକ ଅର୍ଥାତ୍ ଉପଭୋକ୍ତା ସଚେତନ ହେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପୁଞ୍ଜିବାଦର ଏହି ଯୁଗରେ ଉପଭୋକ୍ତା ପ୍ରତ୍ୟେକ ଦିଗରେ ସତର୍କ ରହିବା ଉଚିତ୍। ଜଣେ ଉପଭୋକ୍ତାଙ୍କୁ ଅନେକ ଅଧିକାର ଦିଆଯାଇଛି, ଯାହା ବିଷୟରେ ସମସ୍ତଙ୍କୁ ସଚେତନ ହେବା ଆବଶ୍ୟକ। ପ୍ରତିବର୍ଷ ୧୫ ମାର୍ଚ୍ଚରେ ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ପାଳନ କରାଯାଏ। ଏହି ଦିନ ଉପଭୋକ୍ତାଙ୍କୁ ସଚେତନ କରାଇବା ଲକ୍ଷ୍ୟରେ ଅନେକ ପ୍ରକାରର ଅଭିଯାନ ମଧ୍ୟ ଚାଲେ। ଉପଭୋକ୍ତା ଦିବସ ମାର୍ଚ୍ଚ ୧୫ରେ ପାଳନ କରାଯିବ ପଛରେ ବି କାରଣ ରହିଛି।

ବିଶ୍ୱ ଉପଭୋକ୍ତା ଦିବସ ପାଳନ କରିବାର କଳ୍ପନା ପ୍ରଥମେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଜନ ଏଫ କେନେଡି କରିଥିଲେ। ୧୫ ମାର୍ଚ୍ଚ ୧୯୬୨ରେ ଜନ ଏଫ କେନେଡି ଆନୁଷ୍ଠାନିକ ଭାବେ ଆମେରିକା କଂଗ୍ରେସକୁ ସମ୍ବୋଧିତ କରିଥିଲେ। ଏହି ସମୟ ମଧ୍ୟରେ ସେ ଉପଭୋକ୍ତା ସମ୍ବନ୍ଧୀୟ ଅଧିକାର ବିଷୟରେ ଦାବି ଉଠାଇଥିଲେ। ଜନ ଏଫ କେନେଡି ଦୁନିଆର ପ୍ରଥମ ନେତା, ଯିଏ ପ୍ରଥମ ଥର ପାଇଁ ଉପଭୋକ୍ତାଙ୍କ ଅଧିକାର ବିଷୟରେ କହିଥିଲେ।

୧୯୮୩ରେ ୧୫ ମାର୍ଚ୍ଚରେ ପ୍ରଥମ ଥର ପାଇଁ ଉପଭୋକ୍ତା ଦିବସ ପାଳନ କରାଯାଇଥିଲା। ଏହା ପରେ ପ୍ରତିବର୍ଷ ମାର୍ଚ୍ଚ ୧୫ରେ ବିଶ୍ୱ ଉପଭୋକ୍ତା ଦିବସ ପାଳନ କରିବାର ପରମ୍ପରା ଚାଲିଛି। ବିଶ୍ୱ ଉପଭୋକ୍ତା ଦିବସ ପାଳନ କରିବାର ଉଦ୍ଦେଶ୍ୟ ହେଉଛି ଗ୍ରାହକମାନଙ୍କୁ ସେମାନଙ୍କର ଅଧିକାର ବିଷୟରେ ଅବଗତ କରାଇବା। ଆଜିର ଯୁଗରେ କଳାବଜାର ଏବଂ ନକଲି କାରବାର ବୃଦ୍ଧି ପାଉଛି। ଲୋକମାନେ ସେମାନଙ୍କର ଉପଭୋକ୍ତା ଅଧିକାର ବିଷୟରେ ଜାଣିବା ଜରୁରୀ।

**ଫୁର୍‌ସତ**

## ଫିଜ୍ ବଢ଼ାଇଲେ ରୋହିତ



ରୋହିତ୍ ଶେଟ୍ଟୀ

**ମୁମ୍ବାଇ:** ଷ୍ଟଣ୍ଟ ଆଧାରିତ ରିଏଲିଟି ଟିଭି ଶୋ' 'ଖତରୋ କେ ଖିଲାଡି'ର ଚତୁର୍ଦ୍ଦଶ ସଂସ୍କରଣ ଆଗକୁ ଆସିବାକୁ ଯାଉଛି, ଯାହାକୁ ନେଇ ପ୍ରଶଂସକଙ୍କ ମଧ୍ୟରେ ବହୁତ ଉତ୍ସାହ ମଧ୍ୟ ରହିଛି। ସବୁ ଥର ଭଳି ଚଳିତ ଥର ମଧ୍ୟ ଏହି ରିଏଲିଟି ଶୋ'ରେ ବହୁ ଲୋକପ୍ରିୟ ପ୍ରତିଯୋଗୀ ବିପଜ୍ଜନକ ଷ୍ଟଣ୍ଟ ପ୍ରଦର୍ଶନ କରୁଥିବା ଦେଖିବାକୁ ମିଳିବ। ସେହିପରି ପ୍ରତ୍ୟେକ ଥର ପରି, ଏଥର ମଧ୍ୟ ବିଶିଷ୍ଟ ବଲିଉଡ୍ ଚଳଚ୍ଚିତ୍ର ନିର୍ଦ୍ଦେଶକ ରୋହିତ୍ ଶେଟ୍ଟୀ ଏହି ଶୋ'କୁ ହୋଷ୍ଟ କରିବାକୁ ଯାଉଛନ୍ତି। ତେବେ ବିଭିନ୍ନ ରିପୋର୍ଟରୁ ମିଳିଥିବା ଖବର ଅନୁଯାୟୀ, ଏଥର ରୋହିତ ଏହି ଶୋ'କୁ ହୋଷ୍ଟ କରିବା ପାଇଁ ତାଙ୍କର ଫିଜ୍ ବୃଦ୍ଧି କରିବାକୁ ଦାବି କରିଛନ୍ତି।

କୁହାଯାଉଛି ଯେ, ରୋହିତ ଶେଟ୍ଟୀ 'ଖତରୋ କେ ଖିଲାଡି'ର ଚତୁର୍ଦ୍ଦଶ ସଂସ୍କରଣକୁ ହୋଷ୍ଟ କରିବା ପାଇଁ ଏହାର ନିର୍ମାତାଙ୍କଠାରୁ ବିପୁଳ ପରିମାଣର ଫିଜ୍ ଦାବି କରିଛନ୍ତି। ଖବର ଅନୁଯାୟୀ, ରୋହିତ ଏଥର ପ୍ରତ୍ୟେକ ଏପିସୋଡ୍ ପାଇଁ ପ୍ରାୟ ୬୦ରୁ ୭୦ ଲକ୍ଷ ଟଙ୍କା ଫିଜ୍ ଆକାରରେ ନେବେ। ସେହିପରି ସମଗ୍ର ସିଜନ୍ ପାଇଁ ତାଙ୍କର ଦରମା ୧୬ କୋଟିରୁ ଅଧିକ ରହିବ। ଗତ ସିଜନରେ ରୋହିତ୍ ଗୋଟିଏ ଏପିସୋଡ୍ ପାଇଁ ୫୦ ଲକ୍ଷ ଟଙ୍କା ଫିଜ୍ ନେଇଥିଲେ। ତେବେ ଏନେଇ ରୋହିତ ଶେଟ୍ଟୀ କିମ୍ବା ତାଙ୍କ ଟିମ୍ ପକ୍ଷରୁ କୌଣସି ଆଧିକାରୀକ ପ୍ରତିକ୍ରିୟା ମିଳିପାରିନାହିଁ।

ସୂଚନା ଅନୁଯାୟୀ, ରୋହିତ ଶେଟ୍ଟୀ ଏବଂ 'ଖତରୋ କେ ଖିଲାଡ଼ି-୧୪'ର ପ୍ରତିଯୋଗୀମାନେ ଶୁଟିଂ ପାଇଁ ଦକ୍ଷିଣ ଆଫ୍ରିକା ଯିବେ। ଏହାର ଶୁଟିଂ ଆସନ୍ତା ମେ ମାସରେ ଆରମ୍ଭ ହେବ ବୋଲି ଆଶା କରାଯାଉଛି। ସେହିପରି 'ଖତରୋ କେ ଖିଲାଡି-୧୪'ର ପ୍ରତିଯୋଗୀମାନଙ୍କ ବିଷୟରେ ଅନେକ କଳ୍ପନାଜଳ୍ପନା ଜାରି ରହିଛି। କିଛି ରିପୋର୍ଟରୁ ଜଣାପଡିଛି ଯେ ଏହି ଶୋ ପାଇଁ 'ଗମ ହେ କିସିକି ପ୍ୟାର୍ ମେଁ'ର ତାରକା ନିଲ୍ ଭଟ୍ଟଙ୍କ ନିକଟକୁ ଅଫର୍ ଆସିଛି। ଗତ ସଂସ୍କରଣରେ ତାଙ୍କ ପତ୍ନୀ ଐଶ୍ୱର୍ଯ୍ୟା ଶର୍ମା ଏଥିରେ ଭାଗ ନେଇଥିଲେ। ଏହା ବ୍ୟତୀତ ଭିକି ଜୈନ ଏବଂ ଅଙ୍କିତା ଲୋଖାଣ୍ଡେଙ୍କ ନାମକୁ ମଧ୍ୟ ଏହି ଶୋ'ର ପ୍ରତିଯୋଗୀ ହିସାବରେ ଯୋଡ଼ା ଯାଉଛି। ଏହି ଦମ୍ପତି ନିକଟରେ ସରିଥିବା ରିଏଲିଟି ଟିଭି ଶୋ' 'ବିଗ୍ ବସ୍-୧୭'ରେ ଭାଗ ନେଇଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ: ..............................

ଜନ୍ମ ତାରିଖ: ..............................



ମନିଷା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭୁବନେଶ୍ୱରରେ ବେଦାନ୍ତୁ ଅଫ୍‌ଲାଇନ ଲର୍ନିଂ ସେଣ୍ଟର

**ଭୁବନେଶ୍ୱର,୧୪।୩**

ଦେଶର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଅଗ୍ରଣୀ ଅନ୍‌ଲାଇନ କୋଚିଂ ସେଣ୍ଟର 'ବେଦାନ୍ତୁ'ର ଅଫ୍‌ଲାଇନ ଲର୍ନିଂ ସେଣ୍ଟର ଭୁବନେଶ୍ୱରର ଜୟଦେବ ବିହାର ନିକଟସ୍ଥ ଆର୍‌ସିଏମ୍ କ୍ୟାମ୍ପସଠାରେ ଶୁଭାରମ୍ଭ ହୋଇଯାଇଛି। ଏପରିକି ୨୦୨୪ ମାର୍ଚ୍ଚ ୧୭ରେ ଉକ୍ତ ସେଣ୍ଟରର ଆନୁଷ୍ଠାନିକ ଶୁଭାରମ୍ଭ (ଉଦ୍‌ଘାଟନ) ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ବେଦାନ୍ତୁ ପକ୍ଷରୁ ଗୁରୁବାର ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଉକ୍ତ ସମ୍ମିଳନୀରେ ବେଦାନ୍ତୁର ଭିପି (ବିଜ୍‌ନେସ୍) ସଚିନ ଅଗ୍ରୱାଲଙ୍କ ସମେତ ବେଦାନ୍ତୁ ଲର୍ନ ସେଣ୍ଟରର ପାର୍ଟନର ଜ୍ୟୋତିରଞ୍ଜନ ତ୍ରିପାଠୀ ଏବଂ ବିକାଶ ବାହିନୀପତି ଉପସ୍ଥିତ ରହି ଭୁବନେଶ୍ୱର ସେଣ୍ଟର ସମ୍ପର୍କରେ ବିସ୍ତୃତ ଆଲୋଚନା ସହିତ ସେଣ୍ଟରର ଆଭିମୁଖ୍ୟ ବିଷୟରେ ମଧ୍ୟ ମତପ୍ରକାଶ କରିଥିଲେ। ସେହିଭଳି ଏଡ୍-ଟେକ୍ କ୍ଷେତ୍ରରେ ଏକ ଉଦାହରଣ ସୃଷ୍ଟିକାରୀ ବେଦାନ୍ତୁ ଅଫ୍‌ଲାଇନ କୋଚିଂରେ ମଧ୍ୟ ବିପ୍ଲବ ଆଣିବାକୁ ଯାଉଛି ବୋଲି ଭୁବନେଶ୍ୱର ସେଣ୍ଟର ପକ୍ଷରୁ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ଭୁବନେଶ୍ୱରରେ ଲର୍ନିଂ ସେଣ୍ଟର ଚଳିତ ବର୍ଷ ମାର୍ଚ୍ଚ ୧୭ରୁ କାର୍ଯ୍ୟାରମ୍ଭ କରୁଛି ଏବଂ ଏହା ଅଫ୍‌ଲାଇନ ଚ୍ୟାନେଲରେ ଜେଇଇ/ଏନ୍‌ଇଇଟି ଭଳି ପରୀକ୍ଷାଗୁଡିକ ନିମନ୍ତେ ଗୁଣାତ୍ମକ ଶିକ୍ଷାର ସୁଯୋଗ ପରିବ୍ୟାପ୍ତ କରିବା ଦିଗରେ ଏହା ବେଦାନ୍ତୁର ରଣକୌଶଳାତ୍ମକ ପଦକ୍ଷେପ ହୋଇଛି। ଚଳିତ ମାସ ୧୭ରେ ଏହି ସେଣ୍ଟର ଶୁଭାରମ୍ଭ ଉପଲକ୍ଷେ ଏକ ଆନୁଷ୍ଠାନିକ କାର୍ଯ୍ୟକ୍ରମ ଚନ୍ଦ୍ରଶେଖରପୁରସ୍ଥିତ ରେଳ ଅଡିଟୋରିୟମଠାରେ ଆୟୋଜନ ହେବାକୁ ଯାଉଛି,ଯେଉଁଥିରେ ସବିଶେଷ କ୍ୟାରିୟର ମାର୍ଗଦର୍ଶନ ଆଲୋଚନାଚକ୍ର ସ୍ଥାନ ପାଇବ। ଏହା ଉକ୍ତ ସେଣ୍ଟରରୁ ମିଳିବାକୁ ଥିବା ଫାଇଦାକୁ ପ୍ରଦର୍ଶିତ କରିବ। ଅପରପକ୍ଷରେ ବେଦାନ୍ତୁର ପ୍ରତିଷ୍ଠାତାଙ୍କ କହିବା ଅନୁଯାୟୀ, ଆମେ ଛାତ୍ରୀଛାତ୍ରୀଙ୍କୁ କେବଳ ପରୀକ୍ଷା ପାଇଁ କୋଚିଂ ଦେଉନାହୁଁ, ଆମେ ସେମାନଙ୍କୁ ଜୀବନ ପାଇଁ ପ୍ରସ୍ତୁତ କରୁଛୁ।


## BIRTHDAY WISH



**Manisha Sukalyani**
Khandagiribari, BBSR
Sending you smiles for every moment of your special day.... Have a wonderful time and a very happy birthday.

ଧ-୨୭୪୪

## CLASSIFIED DISPLAY

MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

## OAS HUB
*Make your dreams into reality*
**OAS / IAS**
JOIN NEW PRELIMS TO PERSONALITY TEST (P2P) BATCH.
For Odisha Administrative Services.
ADMISSION OPEN NOW
Somi Palace, Plot No. M5/17, Ground Floor, Acharya Vihar, Bhubaneswar
Contact Us:
8926232634
9827166018


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଗୋପାଳପୁରରେ 'ରାଡିସନ୍ ଇଣ୍ଡିଭିଜୁଆଲ'

■ ୨୦୨୪-୨୫ ଆର୍ଥିକ ବର୍ଷର ୨ୟ ତ୍ରୈମାସିକରେ ଶୁଭାରମ୍ଭ

■ ଓଡ଼ିଶାରେ ରାଡିସନ୍ ହୋଟେଲ ଗ୍ରୁପ୍‌ର ପ୍ରଥମ ହୋଟେଲ

**ଭୁବନେଶ୍ୱର,୧୪।୩ (ଅଭୟ ଦାଶ)**




ଦେଶର ପ୍ରମୁଖ ପ୍ରିମିୟମ ହୋଟେଲ ତଥା ରାଡିସନ୍ ହୋଟେଲ ଗ୍ରୁପ୍‌ର ଏକ ଶାଖା 'ରାଡିସନ୍ ଇଣ୍ଡିଭିଜୁଆଲ'ଓଡ଼ିଶାର ଗୋପାଳପୁରଠାରେ ୨୦୨୪-୨୫ ଆର୍ଥିକ ବର୍ଷର ୨ୟ ତ୍ରୈମାସିକରେ ଶୁଭାରମ୍ଭ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ରାଡିସନ୍ ଗ୍ରୁପ୍ ଏବଂ ପ୍ରମୋଦ ଲ୍ୟାଣ୍ଡସ୍ ଏଣ୍ଡ ରିସୋର୍ଟ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ରାଡିସନ୍ ଇଣ୍ଡିଭିଜୁଆଲର ସଦସ୍ୟ ଭାବେ ପ୍ରମୋଦ ଲ୍ୟାଣ୍ଡସ୍ ଏଣ୍ଡ ରିସୋର୍ଟ ସ୍ୱାକ୍ଷରିତ ହେବା ଅବସରରେ ଉଭୟ ପକ୍ଷ ଖୁସି ପ୍ରକାଶ କରିଛନ୍ତି। ଏପରିକି ୧୦୦ ଶଯ୍ୟା ବିଶିଷ୍ଟ ଏହି ହୋଟେଲକୁ ପଦ୍ମା ଇଷ୍ଟର୍ନ ହୋଟେଲ ପ୍ରାଇଭେଟ୍ ଲିମିଟେଡ୍ ବିକଶିତ କରୁଥିବାବେଳେ ୨୦୨୪-୨୫ଆର୍ଥିକ ବର୍ଷର ୨ୟ ତ୍ରୈମାସିକରେ ଏହାର ଆନୁଷ୍ଠାନିକ ଶୁଭାରମ୍ଭ ହେବାକୁ ଯାଉଛି। ଏ ସମ୍ପର୍କରେ ରାଡିସନ୍ ହୋଟେଲ ଗ୍ରୁପ୍‌ର ଦକ୍ଷିଣ ଏସିଆ ବିକାଶ ବିଭାଗର ବରିଷ୍ଠ ନିର୍ଦ୍ଦେଶକ ଦେବାଶିଷ ଶ୍ରୀବାସ୍ତବ କହିଛନ୍ତି, ଓଡ଼ିଶାରେ ଆମର ପ୍ରଥମ ହୋଟେଲ 'ରାଡିସନ୍ ଇଣ୍ଡିଭିଜୁଆଲ' ପ୍ରମୋଦ ଲ୍ୟାଣ୍ଡସ୍ ଏଣ୍ଡ ରିସୋର୍ଟରେ ମିଳିତ ସହଯୋଗରେ ଖୋଲିବାକୁ ଯାଉଛି। ଏପରିକି ରାଡିସନ୍ ଇଣ୍ଡିଭିଜୁଆଲର ସଦସ୍ୟ ଭାବେ ଆମେ ପ୍ରମୋଦ ଲ୍ୟାଣ୍ଡସ୍ ଏଣ୍ଡ ରିସୋର୍ଟ ଚୁକ୍ତି ସ୍ୱାକ୍ଷର କରିଛୁ, ଯାହା ଦେଶର ଟିୟର ୨ ଓ ୩ ଅଞ୍ଚଳରେ ଆମର ସମ୍ପ୍ରସାରଣ ଯୋଜନାର ପ୍ରମାଣ ବୋଲି କୁହାଯାଉଛି। ସେହିଭଳି ଆମେ ଦେଶର ପ୍ରମୁଖ ସହର ବାହାରେ ମଧ୍ୟ ଗୁଣାତ୍ମକ ଆତିଥେୟତା ଅଭିଜ୍ଞତାକୁ ପହଞ୍ଚାଇବା ଉପରେ ଗୁରୁତ୍ୱ ଦେଉଛୁ ଏବଂ ସମ୍ପୃକ୍ତ ଅଞ୍ଚଳର ଅବ୍ୟବହୃତ ସମ୍ଭାବନାକୁ ସ୍ୱୀକାରକରି ଓଡ଼ିଶାରେ ପାଦ ଥାପିବା ସହ ଏହା ଗ୍ରୁପ୍ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ବୋଲି ସେ ମତପ୍ରକାଶ କରିଛନ୍ତି। ସେହିପରି ପଦ୍ମା ଇଷ୍ଟର୍ନ ହୋଟେଲ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଦୁର୍ଗାପ୍ରସାଦ ରଥ କହିଛନ୍ତି, ଏହି ଭାଗୀଦାରି ରେଡିସନ୍ ହୋଟେଲ ଗ୍ରୁପ୍‌ର ବିଶ୍ୱସ୍ତରୀୟ ବିକାଶ ଏବଂ ପରିଚାଳନା କରିବାର କ୍ଷମତା ଉପରେ ଆମର ବିଶ୍ୱାସର ପ୍ରମାଣ ହୋଇଥିବାବେଳେ ଏହି ସହଯୋଗ ଆମର ସ୍ଥିତିକୁ ଉନ୍ନତ କରିବ ଏବଂ ଆମର ଅତିଥିମାନଙ୍କୁ ଏକ ଅସାଧାରଣ ଅନୁଭୂତି ପ୍ରଦାନ କରିବ। ସେହିଭଳି ଓଡ଼ିଶାର ଆତିଥ୍ୟ ଶିଳ୍ପରେ ଆମର ଉପସ୍ଥିତିକୁ ସୁଦୃଢ଼ କରିବ ବୋଲି ରଥ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ରେଡିସନ୍ ହୋଟେଲ ଗ୍ରୁପ୍ ଭାରତୀୟ ବଜାରରେ ଅଗ୍ରଣୀ ଉପସ୍ଥିତି ବଜାୟ ରଖିଛି ଏବଂ ୧୬୫ରୁ ଅଧିକ ହୋଟେଲ କାର୍ଯ୍ୟକ୍ଷମ ଏବଂ ବିକାଶ ସହ ଦେଶର ସର୍ବବୃହତ୍ ଅନ୍ତର୍ଜାତୀୟ ହୋଟେଲ ଅପରେଟରମାନଙ୍କ ମଧ୍ୟରୁ ଅନ୍ୟତମ ହୋଇପାରିଛି।

# ଶେୟାର ବଜାର କାରବାରରେ ଉତ୍ସାହ

**ଭୁବନେଶ୍ୱର,୧୪।୩**

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷ କରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୩୩୫ (୩୩୫.୩୯) ପଏଣ୍ଟ ବଢି ୭୩,୦୯୭(୭୩,୦୯୭.୨୮) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୧୪୯ (୧୪୮.୯୫) ପଏଣ୍ଟ ବୃଦ୍ଧି ଘଟି ୨୨,୧୪୭ (୨୨,୧୪୬.୬୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ଘଟିଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ହୋଇଛି।

# କାର୍ଯ୍ୟକ୍ଷେତ୍ରରେ ସମାନ ପରିବେଶ ବିକାଶକୁ ଗୁରୁତ୍ୱ

**ଭୁବନେଶ୍ୱର,୧୪।୩**



ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବେଦାନ୍ତ ଆଲୁମିନିୟମ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ନିକଟରେ ପାଳିତ ହୋଇଯାଇଛି। ଏପରିକି ଚଳିତ ବର୍ଷ ଅନ୍‌ଲାଇନ ଏବଂ ଅନ୍-ଗ୍ରାଉଣ୍ଡ୍ ପଦକ୍ଷେପଗୁଡ଼ିକର ମିଶ୍ରଣ ମାଧ୍ୟମରେ କମ୍ପାନୀ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରିଛି। ଏହା ମହିଳାମାନଙ୍କ ପାଇଁ ଅଗ୍ରଗତିର ସୁଯୋଗ ବିସ୍ତାରକରି ଏକ ଉତ୍ତମ ଭବିଷ୍ୟତ ଗଠନ ପାଇଁ ପ୍ରତିବଦ୍ଧତାକୁ ପ୍ରମାଣିତ କରିଛି। ବିଶେଷକରି ଶିଳ୍ପରେ ସର୍ବୋଚ୍ଚ ପୁରୁଷ-ମହିଳା କର୍ମଚାରୀଙ୍କ ଅନୁପାତରେ ବେଦାନ୍ତ ଆଲୁମିନିୟମ ତା'ର ସମସ୍ତ କର୍ମଚାରୀଙ୍କ ମଧ୍ୟରୁ ଏକ ତୃତୀୟାଂଶକୁ ନିଶ୍ଚିତ କରିବାକୁ ପ୍ରୟାସକୁ ତ୍ୱରାନ୍ୱିତ କରୁଛି। ସେହିଭଳି ଏକ ସମାନ ସୁଯୋଗ ନିଯୁକ୍ତିଦାତା ଭାବରେ ବେଦାନ୍ତ ଆଲୁମିନିୟମ ଉଭୟ କର୍ମକ୍ଷେତ୍ରରେ ତଥା ବାହାରେ ମହିଳାଙ୍କ ଶକ୍ତି ବୃଦ୍ଧି ପାଇଁ ଚେଷ୍ଟା କରିଥାଏ।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ଜନ୍ ସ୍ଲାଭେନ୍ କହିଛନ୍ତି, ମହିଳାମାନଙ୍କର ଅଂଶଗ୍ରହଣରୁ ଉତ୍ପନ୍ନ କୌଶଳ ଏବଂ ଦୃଷ୍ଟିକୋଣର ବିବିଧତା ସଂଗଠନ କରିଥାଏ ; ଯାହାକି ଦୀର୍ଘମିଆଦୀରେ ସ୍ଥିର ରହିଥାଏ। ଏପରିକି କମ୍ପାନୀ ଏକ ସମାନ ପରିବେଶ ବିକାଶ ପାଇଁ ପ୍ରତିବଦ୍ଧ ଥିବାବେଳେ ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ଭାବେ କମ୍ପାନୀ ଏକ ସଂସ୍କୃତି ଗଠନ କରୁଛୁ, ଯାହାକି ଆମର ନୂତନ ଉଦ୍ଭାବନ ଏବଂ ବ୍ୟବସାୟିକ ଉତ୍କର୍ଷର ନିରନ୍ତର ଅନୁସରଣରେ ଡ୍ରାଇଭ୍ ଏବଂ ପରିଶ୍ରମକୁ ପୁରସ୍କୃତ କରିଥାଏ।

# କାରବାର ବୃଦ୍ଧିରେ ଆଇସି ନେଟ୍‌ୱର୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଭୁବନେଶ୍ୱର,୧୪।୩**



ସମୀର ଜୋଷୀ

ଘରୋଇ ବଜାରରେ ବୀମା କାରବାର କ୍ରମାଗତ ଭାବେ ବୃଦ୍ଧି ପାଉଛି। ଏପରିକି ଗତ କିଛି ବର୍ଷ ହେଲା ବୀମା ପ୍ରତି ସବୁ ବର୍ଗର ଲୋକ (ଗ୍ରାହକ) ଆଗ୍ରହ ପ୍ରକାଶ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ବଜାଜ ଆଲିଆଞ୍ଜ ଲାଇଫ୍ ଇନ୍‌ସ୍ୟୁରାନ୍ସ ଭାରତ ଏବଂ ଓଡ଼ିଶାରେ ଜୀବନ ବୀମାକୁ ଏକ ବହୁମୁଖୀ ନିବେଶର ବିକଳ୍ପ ଭାବେ ସଚେତନ ଏବଂ ସରଳ କରିବା ପାଇଁ ବୀମା ପରାମର୍ଶଦାତା (ଆଇସି)ର ନେଟ୍‌ୱର୍କକୁ ଉପଯୋଗ କରୁଛି। ସେହିଭଳି ସମଗ୍ର ଓଡ଼ିଶାରେ କମ୍ପାନୀର ୮,୫୦୦ରୁ ଅଧିକ ଏଜେଣ୍ଟ ଏବଂ ୩୮ଟି କାର୍ଯ୍ୟାଳୟ ସହ ଦୃଢ଼ ଉପସ୍ଥିତି ରଖିଥିବା ବେଳେ କମ୍ପାନୀ ସମ୍ପୃକ୍ତ ଅଞ୍ଚଳରେ ବୀମା ଉପଲବ୍ଧତା ବୃଦ୍ଧି ପାଇଁ ସମର୍ପିତ ରହିଛି। ବିଶେଷକରି ବୀମା ଏଜେଣ୍ଟ ଭାବେ ପରିଚିତ ଆଇସିମାନେ ଗ୍ରାହକମାନଙ୍କ ସହିତ କଥାବାର୍ତ୍ତା କରିବା ଏବଂ ସେମାନଙ୍କ ଜୀବନ ଲକ୍ଷ୍ୟ ସହ ଜଡ଼ିତ ଆର୍ଥିକ ନିଷ୍ପତ୍ତି ନେବାରେ ସେମାନଙ୍କୁ ସାହାଯ୍ୟ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ଏ ସମ୍ପର୍କରେ ବଜାଜ ଆଲିଆଞ୍ଜ ଲାଇଫ୍‌ର ମୁଖ୍ୟ ଏଜେନ୍ସି ଅଧିକାରୀ ସମୀର ଜୋଷୀ କହିଛନ୍ତି, ଜୀବନ ବୀମାକୁ ପ୍ରାୟତଃ ଜଟିଳ ଭାବେ ବିବେଚନା କରାଯାଏ ଏବଂ ଗ୍ରାହକମାନେ ସେମାନଙ୍କ ନିର୍ଦ୍ଦିଷ୍ଟ ଜୀବନ ଲକ୍ଷ୍ୟ ଆଧାରରେ ଠିକ୍ ନିବେଶ ଚୟନ କରିବାରେ ମାର୍ଗଦର୍ଶନ କରିବା ପାଇଁ ଏଭଳି ଲୋକଙ୍କୁ ପସନ୍ଦ କରନ୍ତି, ଯାହାଙ୍କ ଉପରେ ତାଙ୍କର ବିଶ୍ୱାସ ରହିଛି।


# Classified Everyday
0674-2580101, 2549949




REAL ESTATE

**SALE**

**Ready to move 2BHK and 3BHK flat for sale near TATA Ariana at Kalinga Vihar. Contact- 9437309741.** D-2609

ଘରବାଡ଼ି ପ୍ଲଟ୍ ହଂସପାଳ ପାଖରେ **Extension BDA Zone**ରେ ପାଚେରି, ରୋଡ୍, ଇଲେକ୍ଟ୍ରିସିଟି ସହିତ **17,40,000/-**ରେ ବିକ୍ରି କରାଯିବ। **6370469894.** D-75929

**Bank approved gharabari plot boundary wall ସହିତ ବିକ୍ରି ହେଉଛି near Oxford Engg. College just 7.5 K.M. from Hanspal Square. 9437005434.** D-75926

Used Office Furniture, Chair, Table, Sofa, AC, Aquaguard, Partition, Ceilling sale. 7008967858. D-71070

30 Acres fully developed all amenities near Trinath Bazar, Fulnakhara @ 1050/-. 8144391451. D-75925

Ready to possess 2/3 BHK flats near Badagada Canal Road, Mouza: Meherpalli for sale. Bank finance available. Cotact: 9861467987 / 9861336178. D-2653

ଭୁବନେଶ୍ୱର Hot Location ତ୍ରିଶୂଳିଆ ଛକ ନିକଟବର୍ତ୍ତୀ CISF, Sai International School ଓ Central Schoolଠାରୁ 700 mtrs. ମଧ୍ୟରେ 30ft. Road, Electricity, Boundary ଥାଇ 'Srikrishna Vihar'ରେ ପ୍ଲଟ୍ ବିକ୍ରିହେବ। **6371902075, 9776602067.** D-75921

ଭୁବନେଶ୍ୱର ପଟିଆ ତ୍ରିଶୁଳିଆ ଛକ ପାଖରେ **100ft. roadside yellowzone 30ft.** ରାସ୍ତା ଥାଇ ସଙ୍ଗେସଙ୍ଗେ ଘର କଲାଭଳି ପୋଜେସନ୍ ପ୍ଲଟ୍ ମିଳୁଛି। **7978701424, 9937025614.** D-75299

**2/3BHK premium flat for sale at Jayadev Vihar Chhak. Contact- 9437307086, 7008789347, 7978209277.** D-2706

**Semifurnished 3BHK flat for sale at Jharpada 80' road side. Contact- 9437307086, 7008789347, 7978209277.** D-2705

Duplex project at Retanga Medical, Station near CV Raman University, Tamando, Bhubaneswar. 7008459987. D-75928




**Two BHK flat for rent in Apartment Avantika near Gokul Kunj on GGP- Pandra Road, Bhubaneswar. Contact- 8984692488.** D-75805

Tolet 1st and 2nd floor flat at Parvati Villa, Ravi Talkies Square, BBSR. Contact- 8340319270. D-76001




Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75713

Relax, refresh your body, mind by expert therapist. Contact- 9938843929. D-76106

ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Newly open health benefits SPA special Offer @999 Bapuji Nagar. 8018429809. D-76107

**Bodymassage by experience good looking therapist @ 999/- (Bhubaneswar). 9078484455.** D-2688

## AFFIDAVIT



ଆମ୍ଭେ ଗୋଦାବରୀ ସାହୁ ଓରଫ ସୀତାରାଣୀ ସାହୁ, ସ୍ୱାମୀ- ରାମଚନ୍ଦ୍ର ସାହୁ, ଗ୍ରାମ- ଧୂମପୁର, ପୋ.ଅ- ଚନ୍ଦ୍ରପଡ଼ା, ଭାୟା/ଥାନା- ସିମୁଳିଆ, ଜିଲ୍ଲା- ବାଲେଶ୍ୱର ଅଟେ। ଗତ ତା ୧୨।୦୨।୨୪ରିଖରେ ତହସିଲଦାର ସିମୁଳିଆଙ୍କ ଇଜିଲାସରେ କରିଥିବା ସତ୍ୟପାଠ ନଂ.-୪୭୮ ମୂଳେ ଘୋଷଣା କରୁଅଛୁକି ଉପରୋକ୍ତ ଦୁଇଟି ନାମ ମୋର ଅଟେ। ଆମ୍ଭ ବ୍ୟତୀତ ଆମ୍ଭ ଗ୍ରାମରେ ଉକ୍ତ ନାମରେ ଅନ୍ୟ କୌଣସି ମହିଳା ନାହାନ୍ତି। ଆମ୍ଭର ପ୍ରକୃତ ନାମ ଗୋଦାବରୀ ସାହୁ ସମସ୍ତ ପ୍ରକାର ସରକାରୀ କାଗଜପତ୍ରରେ ଉଲ୍ଲେଖ ଥିବା ବେଳେ ଆମ୍ଭେ ଗତ ତା ୦୫।୧୦।୨୦୧୧ରିଖରେ ଆମ୍ଭର ଡାକ ନାମ ସୀତାରାଣୀ ସାହୁ ନାମରେ ସିମୁଳିଆ ପୋଷ୍ଟ ଅଫିସରୁ କେତେକ କେ.ଭି.ପି. କ୍ରୟ କରିଥିଲୁ। ଉକ୍ତ ଦୁଇ ନାମଧାରୀ ମହିଳା ଆମ୍ଭେ ଜଣେ ହୋଇଥିବାରୁ ଉକ୍ତ କେ.ଭି.ପି. ଟଙ୍କା ଉଠାଇବା ପାଇଁ ଏହା ପ୍ରକାଶ କରୁଅଛୁ। ଧ-୨୭୬୬

I, Neha Rahim Kumar Sahoo, W/o- Tanmaya Mohapatra, resident of Plot No.40, Lane No.-3, Dibya Vihar, Samantarapur, P.O.- Old Town, P.S.- Shree Lingaraj, Bhubaneswar, 751002, Dist.- Khordha, Odisha, declare by this affidavit No.-50, dated 08.02.2024 that now onwards I shall be known as Neha Mohapatra for all future purposes. D-2766

I, DIWAN ASLAM KHAN, S/o- Late Shamsuddin Khan, resident of Plot No.- 414/4104, Bajrang Vihar, Patia, P.S.- Infocity, Dist.- Khordha, PIN- 751024, Odisha declare by this affidavit No.-CC-84 dt. 14.03.2024 that now onwards I shall be known ASLAM KHAN for all future purposes. D-2763

## LOST

Sale Deed Lost: ଢେଙ୍କାନାଳ ଟାଉନ୍ ବଡ଼ଷାଠିଏ ବାଟିଆ ମୌଜାର Kabala Regd. No.-10501205303, dt. 13.08.2012 କୌଣସି ଜାଗାରେ ହଜିଯାଇଛି। କୌଣସି ସହୃଦୟ ବ୍ୟକ୍ତି ଏହାର ସନ୍ଧାନ ପାଆନ୍ତି, ତେବେ ନିମ୍ନ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ। Contact- Sushree Punam Bhanja, Mob- 9556644554, 8260522056. D-75427

# ଭୁବନେଶ୍ୱରରୁ ଭାରତ ସାସ୍ ଯାତ୍ରାର ଶୁଭାରମ୍ଭ




**ଭୁବନେଶ୍ୱର,୧୪।୩**

ଭାରତର ଗତିଶୀଳ ସଫ୍ଟୱେରକୁ ଏକ ସେବା(ସାସ୍) କ୍ଷେତ୍ର ଭାବେ ପାଳନ ତଥା ପୋଷଣ ପାଇଁ ଉତ୍ସର୍ଗୀକୃତ ଭାରତ ସାସ୍ ଯାତ୍ରା ଭୁବନେଶ୍ୱରରୁ ଆନୁଷ୍ଠାନିକ ଭାବେ ଯାତ୍ରା ଆରମ୍ଭ କରିଛି। ସାରା ଦେଶରେ ସାସ୍ ଉଦ୍ୟୋଗୀଙ୍କ ପରବର୍ତ୍ତୀ ପର୍ଯ୍ୟାୟକୁ ପ୍ରେରଣା ଏବଂ ସଶକ୍ତ କରିବା ପାଇଁ ଏକ ସଂକଳ୍ପବଦ୍ଧ ମିଶନ ସହିତ ଏହି ପରିବର୍ତ୍ତନଶୀଳ ପ୍ରୟାସ ୨୦ଟି ସହର ଦେଇ ଗତି କରିବ ଏବଂ ଭାରତର ସାସ୍ ଇକୋସିଷ୍ଟମର ଅସାଧାରଣ ଯାତ୍ରା ଏବଂ ସଫଳତା ପ୍ରଦର୍ଶନ କରିବାକୁ ଇମେନସିଭ୍ ସାସ୍ ପ୍ରଦର୍ଶନୀ ଆୟୋଜନ କରିବ। ବିଶେଷକରି ୧୦୦ରୁ ଅଧିକ ବିଶିଷ୍ଟ ବ୍ୟକ୍ତି ଏବଂ ଶିଳ୍ପ ଷ୍ଟେକ୍‌ହୋଲ୍‌ଡରଙ୍କୁ ଏକାଠିକରି ଓଡ଼ିଶା ଅଧ୍ୟାୟ ପାଇଁ ଷ୍ଟାର୍ଟଅପ୍ ଓଡ଼ିଶା ସହିତ ମିଳିତ ଭାବେ ଏହି ଉଦ୍‌ଘାଟନୀ ଉତ୍ସବ ଆୟୋଜିତ ହୋଇଥିଲା। ଭୁବନେଶ୍ୱରର ସୃଷ୍ଟି ଏକାଡେମୀ ଅଫ୍ ମ୍ୟାନେଜମେଣ୍ଟଠାରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଷ୍ଟାର୍ଟଅପ୍ ଓଡ଼ିଶାର କାର୍ଯ୍ୟନିର୍ବାହୀ ଅଧକ୍ଷ ଡ. ଓମ୍‌କାର ରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ୧୮୦୦ରୁ ଅଧିକ ଉଦୀୟମାନ ଷ୍ଟାର୍ଟଅପ୍ ସହିତ ଓଡ଼ିଶାର ସମୃଦ୍ଧ ଉଦ୍ୟୋଗୀ ଦୃଶ୍ୟପଟର ପୃଷ୍ଠଭୂମିରେ ଭାରତ ସାସ୍ ଯାତ୍ରା ଆରମ୍ଭ ହେବା ରାଜ୍ୟର ଷ୍ଟାର୍ଟଅପ୍ ଇକୋସିଷ୍ଟମରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟକୁ ସୂଚିତ କରୁଛି।

# ଗ୍ରାହକ ସମ୍ପର୍କକୁ ଗୁରୁତ୍ୱ

**ଭୁବନେଶ୍ୱର,୧୪।୩**

ଦେଶର ପ୍ରମୁଖ ଘରୋଇ ଟେଲିକମ୍ କମ୍ପାନୀ ଭାରତୀ ଏୟାରଟେଲ୍ (ଏୟାରଟେଲ୍)ର ବହୁ ପ୍ରତୀକ୍ଷିତ 'ଗ୍ରାହକ ଦିବସ' ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ଓଡ଼ିଶା କ୍ଷେତ୍ର ବା ୟୁନିଟ୍ ପକ୍ଷରୁ ମଧ୍ୟ ଗ୍ରାହକ ଦିବସ ପାଳନ କରାଯାଇଥିଲା। ଏପରିକି ଗ୍ରାହକଙ୍କୁ ସାମ୍ନା କରିବାକୁ ପଡୁ ନ ଥିବା ପଦବୀରେ କାର୍ଯ୍ୟ କରୁଥିବା ସମସ୍ତ ଏୟାରଟେଲ୍ କର୍ମଚାରୀ ମଧ୍ୟ ସେମାନଙ୍କର ଦୈନନ୍ଦିନ ଭୂମିକାରୁ ବାହାରକୁ ଆସି ନିଜର ଛାମୁଆ ସମକକ୍ଷଙ୍କ ସହିତ ସାମିଲହେବା ସାଙ୍ଗକୁ ଗ୍ରାହକଙ୍କ ସହ ସିଧାସଳଖ ମତ ବିନିମୟ କରିଛନ୍ତି। ସେହିଭଳି ବିଭିନ୍ନ ପଦପଦବୀରେ କାର୍ଯ୍ୟରତ ବହୁ ସଂଖ୍ୟାର କର୍ମଚାରୀଙ୍କୁ ଏହା ଏକ ନୂଆ ଦୃଷ୍ଟିକୋଣ ପ୍ରଦାନ କରିବ ଏବଂ ସମ୍ପୂର୍ଣ୍ଣ ସଙ୍ଗଠନରେ ଗ୍ରାହକଙ୍କ ଆବଶ୍ୟକତା ବୁଝିବା ଲାଗି ଏକ ସମ୍ପୂର୍ଣ୍ଣ ନୂଆ ମାନସିକତା ଓ ସଂସ୍କୃତିକୁ ଉଜାଗର କରିବ। ଏପରିକି ଗ୍ରାହକମାନଙ୍କର ଦୃଷ୍ଟିକୋଣ ଏବଂ ଗ୍ରାହକଙ୍କ ମନୋଭାବ ବୁଝିବା ସହ ସେମାନଙ୍କ ଚିନ୍ତା ଓ ପରାମର୍ଶକୁ ଜାଣିବା ଲାଗି ନିବିଡ଼ ସମ୍ପର୍କ ସ୍ଥାପନ କରିବାକୁ କମ୍ପାନୀ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ଅପରପକ୍ଷରେ ଗ୍ରାହକ ଦିବସ ପାଳନ ଗ୍ରାହକଙ୍କ ଆବଶ୍ୟକତାକୁ କେନ୍ଦ୍ରରେ ରଖି କାର୍ଯ୍ୟକାରୀ କରାଯାଉଥିବା କମ୍ପାନୀର ଏକାଧିକ କାର୍ଯ୍ୟକ୍ରମର ଏକ ଅଂଶବିଶେଷ ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ସେହିପରି ଦେଶର ସମସ୍ତ ଏୟାରଟେଲ୍ କାର୍ଯ୍ୟାଳୟର କର୍ମଚାରୀମାନେ ହୋମ୍ ଡେଲିଭରି ଇଞ୍ଜିନିୟର,ଫାଇବର ଅଧିକାରୀ ଏବଂ ବଜାରରେ କାର୍ଯ୍ୟରତ ଖୁଚୁରା କାର୍ଯ୍ୟବଳ ସହିତ ମିଶି କାମ କରିଥିଲେ। ଏହି କର୍ମଚାରୀମାନଙ୍କ ମଧ୍ୟରେ ବରିଷ୍ଠ ନେତୃତ୍ୱଙ୍କଠାରୁ ଆରମ୍ଭକରି ସବୁ କାର୍ଯ୍ୟାଳୟରେ କନିଷ୍ଠ ପରିଚାଳକ ପର୍ଯ୍ୟନ୍ତ ସାମିଲ ଥିଲେ।

ଧରିତ୍ରୀ DHARITRI 50 Years

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୧୫/୨୦୨୪ Bhubaneswar, Friday, March 15/ 2024

# ଫୁଟ୍‌ବଲ ଷ୍ଟାର କ୍ୱିନ୍‌ସି ପ୍ରୋମେସ୍ ଗିରଫ

**ଦି ହେଗ୍, ୧୪।୩ (ଏପି):** ଡଚ୍ ପ୍ରସିକ୍ୟୁଟରମାନଙ୍କ ଅନୁରୋଧ କ୍ରମେ ଫୁଟ୍‌ବଲ ଷ୍ଟାର କ୍ୱିନ୍‌ସି ପ୍ରୋମେସ୍ ଦୁବାଇରେ ଗିରଫ ହୋଇଥିବା ଏକ ରିପୋର୍ଟରେ ପ୍ରକାଶ ପାଇଛି। ପ୍ରୋମେସ କୋକେନ ସ୍ମଗ୍‌ଲିଂ ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହେବା ପରେ ତାଙ୍କୁ ୬ ବର୍ଷ ଜେଲଦଣ୍ଡ ହୋଇଥିଲା। ଡଚ୍ ପ୍ରସିକ୍ୟୁଟରମାନେ ତାଙ୍କ ପ୍ରତ୍ୟର୍ପଣ ଚାହିଁବେ। ଫୌଜଦାରି ମାମଲାରେ ଡଚ୍ ପ୍ରସିକ୍ୟୁଟରମାନେ କ୍ୱଚିତ ସନ୍ଦିଗ୍ଧଙ୍କ ନାମ ପ୍ରକାଶ କରିଥାନ୍ତି। ଏଠାରେ ସେମାନେ ପ୍ରୋମେସଙ୍କ ନାମ ସ୍ପଷ୍ଟ କରିନାହାନ୍ତି। ସେମାନେ ଏକ ବିବୃତିରେ କହିଛନ୍ତି, ମସ୍କୋରେ ବାସ କରୁଥିବା ଜଣେ ୩୨ବର୍ଷୀୟ ବ୍ୟକ୍ତିଙ୍କୁ ଦୁବାଇରେ ଗିରଫ କରାଯାଇଛି। ପ୍ରୋମେସଙ୍କ ବୟସ ହେଉଛି ୩୨ ବର୍ଷ। ସେ ରୁଷିଆ ରାଜଧାନୀରେ ଅବସ୍ଥାନ କରନ୍ତି ଏବଂ ସ୍ପାର୍ଟାକ୍ ମସ୍କୋ ପକ୍ଷରୁ ଖେଳିଥାନ୍ତି। ନେଦରଲାଣ୍ଡ୍ସ ଦ୍ୱାରା ଜାରି ରେଡ୍ ନୋଟିସକୁ ଭିତ୍ତି କରି ପ୍ରୋମେସଙ୍କୁ ଗିରଫ କରାଯାଇଛି। ତାଙ୍କ ପ୍ରତ୍ୟର୍ପଣ ପାଇଁ ନେଦରଲାଣ୍ଡ୍ସ ଅନୁରୋଧ କରିବ ବୋଲି ଆମଷ୍ଟରଡାମ୍ ପ୍ରସିକ୍ୟୁଶନ ଅଫିସ କହିଛି। ସୂଚନାଯୋଗ୍ୟ, ରେଡ୍ ନୋଟିସ୍ ହେଉଛି ଏକ ବିଶ୍ୱସ୍ତରୀୟ ଅନୁରୋଧ, ଯାହା ଗିରଫଦାରି କିମ୍ବା ଆତ୍ମସମର୍ପଣ କିମ୍ବା ସମାନ ଆଇନଗତ କାର୍ଯ୍ୟାନୁଷ୍ଠାନରେ ବିଚାରାଧୀନ ବ୍ୟକ୍ତିଙ୍କୁ ଖୋଜିବା କିମ୍ବା ସାମୟିକ ଭାବେ ଗିରଫ କରିବା ଦିଗରେ ଆଇନଶୃଙ୍ଖଳା କର୍ତ୍ତୃପକ୍ଷ ଜାରି କରିଥାନ୍ତି।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ବିଦେଶୀ ମଦ ଜବତ, ଜଣେ ଗିରଫ



ବାଲିମେଳା, ୧୪।୩(ଶିବଦତ୍ତ ସାହୁ)

ବିଦେଶୀ ମଦ ଚୋରା ଚାଲାଣ ବେଳେ ଓରକେଲ ପୋଲିସ। ମାଲକାନଗିରି ଜିଲା ଓରକେଲ ଥାନା ଅନ୍ତର୍ଗତ ବାଲିମେଳା-ଜୟପୁର ମୁଖ୍ୟ ରାସ୍ତା ଚିତ୍ରକୋଣ୍ଡା ଛକ ନିକଟରେ ଗତ୍ରୁବାର ସକାଳେ ପୋଲିସ ଚେକିଂ ସମୟରେ ବାଲିମେଳାର ସନ୍ତୋଷ ରାମ ବାଇକ୍ ଯୋଗେ କିଛି ପେଟି ବୋହି ନେଉଥିଲେ। ଏହା ଦେଖି ପୋଲିସ ସନ୍ଦେହରେ ଅଟକାଇ ଯାଞ୍ଚ କଲା ବେଳେ ବିଦେଶୀ ମଦ ଥିବା ଜଣାପଡିଥିଲା। ପରେ ବିଦେଶୀ ମଦ ଓ ବାଇକ୍‌କୁ ଜବତ କରି ସନ୍ତୋଷଙ୍କୁ ଗିରଫ ପରେ ଓରକେଲ ଥାନାକୁ ନିଆଯାଇଥିଲା। ସେଠାରେ ୨୦.୩୨୫ ଲିଟର ବିଦେଶୀ ମଦ ଥିବା ଜଣାପଡିଥିଲା। ଜବତ ମଦ ବାଲିମେଳା ସହରରୁ କୋରୁକୋଣ୍ଡା ବ୍ଲକ ନାକାମାମୁଡି ଗ୍ରାମକୁ ଚୋରା ଚାଲାଣ ହେଉଥିବା ପୋଲିସ କହିଛି। ପରେ ଅଭିଯୁକ୍ତ ସନ୍ତୋଷଙ୍କୁ ଗିରଫ କରି ମାମଲା ୧୨୨/୨୪ ରେ କୋର୍ଟ ଚାଲାଣ କରାଯାଇଥିବା ଓରକେଲ ଥାନାଧିକାରୀ ଧୀରେନ ପଟ୍ଟନାୟକ ସୂଚନା ଦେଇଛନ୍ତି ।

### ନବୋଦୟ-୨ ବିଦ୍ୟାଳୟରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

ବାଲିମେଳା, ୧୪।୩(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କରୁକୋଣ୍ଡା ବ୍ଲକ ବାଲିମେଳାରେ ଥିବା ନବୋଦୟ -୨ ବିଦ୍ୟାଳୟ ପକ୍ଷରୁ ସ୍ୱଚ୍ଛଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏହି ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ବାଲିମେଳା ବଜାର ପ୍ରାଥମିକ ବିଦ୍ୟାଳୟ ଏବଂ ଓର୍କେଲ ପ୍ରାଥମିକ ବିଦ୍ୟାଳୟକୁ ଯାଇ ସ୍ୱଚ୍ଛତା ସଚେତନତା ସଭା ଓ ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତ୍ରାଙ୍କନ ପ୍ରତିଯୋଗିତା କରିବା ସହିତ ସମ୍ପୃକ୍ତ ବିଦ୍ୟାଳୟର ପରିସରକୁ ସଫା କରିବାର ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମରେ ନବୋଦୟ ବିଦ୍ୟାଳୟ ଅଧକ୍ଷ ଯତୀନ୍ଦ୍ର କୁମାର ରଥ ଛାତ୍ରୀ ଛାତ୍ରଙ୍କୁ ଉଦ୍‌ବୋଧନରେ ସ୍ୱଚ୍ଛତାର ବାର୍ତ୍ତା ଦେବାସହ ସ୍ୱଚ୍ଛତାର ଉପକାରିତା ଉପରେ ଅବଗତ କରାଇଥିଲେ। ଏଥି ସହିତ ଉଭୟ ବିଦ୍ୟାଳୟକୁ ସ୍ୱଚ୍ଛତା ଉପକରଣ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ନବୋଦୟ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ରାମଚନ୍ଦ୍ର ବୋନଥ, କବିରାଜ ସେଠୀ, ପ୍ରେମବୀର ସିଂ ଓ ପ୍ରଜୋତିକା ମିଶ୍ରଙ୍କ ସହ ଉଭୟ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମକୁ ସଫଳ କରାଇଛନ୍ତି ।

# ଲୋକଙ୍କ ସେବା କରିବାରେ ରୋଟାରିୟାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

### ରୋଟାରି କ୍ଲବ ଗଭର୍ନରଙ୍କ ମାଲକାନଗିରି ଗସ୍ତ

ମାଲାକନଗିରି, ୧୪।୩(ଦୁର୍ଯ୍ୟୋଧନ ପାତ୍ର)

ଓଡିଶାର ୩୨୬୨ ରୋଟାରୀ କ୍ଲବ ଗଭର୍ନର ଜୟଶ୍ରୀ ମହାନ୍ତି ଗୁରୁବାର ମାଲକାନଗିରି ଗସ୍ତରେ ଆସି ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସ୍ଥାନୀୟ ଏକ ହଟେଲ ସମ୍ମିଳନୀ କକ୍ଷରେ ମାଲକାନଗିରି ରୋଟାରୀ କ୍ଲବ ସଭାପତି ଶ୍ୟାମବାବୁ ଦୋରାଙ୍କ ସଭାପତିତ୍ୱରେ ସହକାରୀ ଗଭର୍ନର ଅରବିନ୍ଦ ସାହୁ, ଜିଲା ସମ୍ପାଦକ ଏ. ଈଶ୍ୱର ରାଓ ଉପସ୍ଥିତ ରହବା ସହ ୫୦ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଓ ସଦସ୍ୟ ଯୋଗ ଦେଇଥିଲେ। କ୍ଲବ ସଭାପତି ଦୋରା ଜିଲା ରୋଟାରୀ କ୍ଲବ ତରଫରୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ବନ୍ଧରେ ସୂଚନା ଦେବା ସହ ଆଗାମୀ ଦିନରେ ଏହି କ୍ଲବ ଗରିବ ଅସହାୟ, ଲୋକଙ୍କ ସେବା ଜାରି ରଖିବ ବୋଲି କହିଥିଲେ। ଗଭର୍ନର ମହାନ୍ତି ତାଙ୍କ ବକ୍ତବ୍ୟରେ ରୋଟାରିୟାନ୍‌ମାନେ ଜନତାଙ୍କ ସେବା କରିବା ସହ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରିବା, ପରିବେଶ ସୁରକ୍ଷା ପାଇଁ ଚାରାରୋପଣ, ଗରୀବ ଛାତ୍ରୀଛାତ୍ରଙ୍କ ଶିକ୍ଷା ଗ୍ରହଣରେ ସହାୟକ, ଆଭ୍ୟନ୍ତରୀଣ ଅଞ୍ଚଳରେ ପାନୀୟ ଜଳ ଏବଂ ପୁଷ୍କରିଣୀ ଖନନ, ଚକ୍ଷୁ ଚିକିତ୍ସା ଶିବିର, ରୋଗୀ ସେବା, ଗୁରୁତର ରୋଗୀଙ୍କୁ ରୋଟାରୀ କ୍ଲବ ମାଧ୍ୟମରେ ଚିକିତ୍ସା ସୁବିଧା ଇତ୍ୟାଦି କାର୍ଯ୍ୟ କରିବା ଉଚିତ। ରୋଟାରିଆନ୍‌ମାନେ କୌଣସି ସରକାରୀ କିମ୍ବା ବେସରକାରୀ କର୍ମଚାରୀ ନୁହନ୍ତି। ସେବା ମନୋବୃତ୍ତି ରଖି କ୍ଲବ ମାଧ୍ୟମରେ ନିଜ ଅର୍ଥରେ କାର୍ଯ୍ୟ କଲେ ଆତ୍ମ ସନ୍ତୋଷ ମିଳିଥାଏ । ଜିଲା ରୋଟାରୀ କ୍ଲବ ଜନହିତକର କାର୍ଯ୍ୟ କଳାପ ବିଶେଷକରି କୋଭିଡ୍ ସମୟରେ ବିଭିନ୍ନ ଅଞ୍ଚଳ ବୁଲି ସଚେତନତା, ରୋଗୀ ସେବା ଏବଂ ବିଭିନ୍ନ ସାମଗ୍ରୀ ବଣ୍ଟନ କରି ଉଦାହରଣ ସୃଷ୍ଟି କରୁଛନ୍ତି। ନୂତନ ସଦସ୍ୟ ଭାବେ ଉମାଶଙ୍କର ସାହୁଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସଭ୍ୟ ଭାବେ ଗ୍ରହଣ କରାଯାଇଥିଲା। କାର୍ଯ୍ୟକ୍ରମରେ ରୋଟାରିଆନ ସୁରେନ୍ଦ୍ର ପାଢୀ, ବିଜୟ କୁମାର ପଣ୍ଡା, ଲବ ସାହୁ, ମୁନା ତ୍ରିପାଠୀ, ଦୁର୍ଯ୍ୟୋଧନ ପାତ୍ର, ଲକ୍ଷ୍ମଣ ବିହାରୀ ଶ୍ୟାମଲଙ୍କ ସହ ରୋଟାରୀଆନମାନଙ୍କ ପରିବାର ସାମିଲ ହୋଇଥିଲେ। ଦୁର୍ଯ୍ୟୋଧନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।



ଆୟୋଜିତ କାର୍ଯ୍ୟକ୍ରମରେ ରୋଟାରୀ କ୍ଲବ ଗଭର୍ନର ଜୟଶ୍ରୀ ମହାନ୍ତି ଓ ଅନ୍ୟମାନେ ।

# ପରିତ୍ୟକ୍ତ ଘରୁ ଭାଲୁ ଉଦ୍ଧାର

କୋଡିଙ୍ଗା, ୧୪।୩(ସମରେନ୍ଦ୍ର ପଟ୍ଟନାୟକ)

ନବରଙ୍ଗପୁର ଜିଲା କୋଡ଼ିଙ୍ଗା ବନାଞ୍ଚଳ ଉକିଆପାଲି ପଞ୍ଚାୟତ ବରଗାଁର ଏକ ପରିତ୍ୟକ୍ତ ଘରୁ ଗୁରୁବାର ବନ ବିଭାଗ ଏକ ଭାଲୁକୁ ଉଦ୍ଧାର କରିଛି। ଗତ ୩ମାସ ହେବ ଭାଲୁଟି ଗାଁରେ ଥିବା ପରିତ୍ୟକ୍ତ ଘରେ ରହୁଥିଲା। ଯାହାକୁ ନେଇ ଗ୍ରାମବାସୀ ଆତଙ୍କରେ ଥିଲେ। ଗୁରୁବାର ନବରଙ୍ଗପୁର ଡିଏଫ୍‌ଓ ଶୁଭେନ୍ଦୁ ବେହେରାଙ୍କ ନେତୃତ୍ୱରେ ରାପିଡ୍‌ରେସକ୍ୟୁ ଟିମ୍, କୋଡ଼ିଙ୍ଗା ବନବିଭାଗ ଗୁରୁବାର ଗାଁରେ ପହଞ୍ଚି ଭାଲୁକୁ କାବୁ କରିବାରେ ସକ୍ଷମ ହୋଇଥିଲେ। ଭାଲୁଟିକୁ କୋଡ଼ିଙ୍ଗା ବନାଞ୍ଚଳ କାର୍ଯ୍ୟାଳୟକୁ ନିଆଯିବା ପରେ ସେଠାରେ ତାହାର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଭାଲୁଟି ସୁସ୍ଥ ଅଛି। ତେବେ ଭାଲୁଟିକୁ କେଉଁଠି ଛଡ଼ାଯିବ ସେ ନେଇ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ଟିମ୍‌ରେ ଡିଏଫଓ ବେହେରାଙ୍କ ସମେତ କୋଡ଼ିଙ୍ଗା ରେଞ୍ଜର ପୂର୍ଣ୍ଣଚନ୍ଦ୍ର ନନ୍ଦ, ଭାରପ୍ରାପ୍ତ ଫରେଷ୍ଟର ପ୍ରଭାତ ବିଷୋୟୀ, କୋଷାଗୁମୁଡ଼ା ଫରେଷ୍ଟର ଚକ୍ରଧର ନାଗ, ସମସ୍ତ ବନରକ୍ଷୀ ସାମିଲ ଥିଲେ।


ବନ ବିଭାଗ ପକ୍ଷରୁ ଭାଲୁଟିକୁ ଉଦ୍ଧାର କରି ନିଆଯାଉଛି।

# ଭାରସାମ୍ୟ ହରାଇ ଓଲଟିଲା ମିନି ବସ୍, ନାବାଳିକା ମୃତ

ମାଥିଲି, ୧୪।୩(ସୁବାସ ଚନ୍ଦ୍ର ଖୁଡୁପିଆ)

ମାଲକାନଗିରି ଜିଲା ମାଥିଲି ବ୍ଲକ କର୍ତ୍ତନପାଲି ପଞ୍ଚାୟତ ଲୁଲେର ଗ୍ରାମର ଏକ ସବାରୀ ଦୈନିକ ମାଥିଲି ବଜାରକୁ ଯାତାୟାତ କରିଥାଏ । ଗୁରୁବାର ସକାଳୁ ସବାରୀ ମାଥିଲିକୁ ଆସି ଫେରୁଥିବା ବେଳେ ହଠାତ୍ ଗାଡ଼ିର ଯାନ୍ତ୍ରିକ ତ୍ରୁଟି ଦେଖାଦେବାରୁ ଡ୍ରାଇଭର କୌଣସି ଉପାୟ ନ ପାଇ ଏକ ଗଛରେ ପିଟିଦେଇଥିଲେ । ଦୁର୍ଘଟଣାରେ ଜଣେ ନାବାଳିକାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଅନ୍ୟମାନେ ଗୁରୁତର ଆହତ ହାଇଛନ୍ତି। ଗୁରୁତରମାନଙ୍କୁ ମାଥିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ମୃତ ନାବାଳିକା ହେଲେ ଲୁଲେର ଗ୍ରାମର ନମିତା ଭୂମିଆ। ଆହତ ୪ ଜଣଙ୍କ ମଧ୍ୟରୁ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ କୋରାପୁଟ ମେଡିକାଲକୁ ସ୍ଥାନାନ୍ତର କରା ଯାଇଛି ।



ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳ ବଡପଡାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଭିଡିଓ କନ୍‌ଫେରେନ୍ସରେ ଏକ ଅତ୍ୟାଧୁନିକ ଶିକ୍ଷା ସୌଧ ଉଦ୍‌ଘାଟନ କରିଛନ୍ତି। ବଡ଼ପଡ଼ାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଥିବା ଅତିଥି ଓ ଅନ୍ୟମାନେ ।

# ଜିଲା ମଙ୍ଗଳ ଅଧିକାରୀଙ୍କୁ ଭେଟିଲେ ଛାତ୍ରୀଛାତ୍ର



ମାଲକାନଗିରି, ୧୪।୩(ଦୁର୍ଯ୍ୟୋଧନ ପାତ୍ର)

### ହଷ୍ଟେଲରେ ନିମ୍ନମାନର ଖାଦ୍ୟ

ମାଲକାନଗିରି ଜିଲା ପଦ୍ମଗିରି ଆଦିବାସୀ ଉନ୍ନୟନ ବିଭାଗ ଉଚ୍ଚ ବିଦ୍ୟାଳୟ ହଷ୍ଟେଲରେ ଛାତ୍ରୀଛାତ୍ରଙ୍କୁ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ନେଇ ଗୁରୁବାର ଜିଲାପାଳଙ୍କୁ ଭେଟି ଛାତ୍ରୀଛାତ୍ର ଅଭିଯୋଗ କରିବାକୁ ଆସିଥିଲେ। କିନ୍ତୁ ସେମାନେ ଜିଲାପାଳଙ୍କୁ ଭେଟିବା ପୂର୍ବରୁ ଜିଲା ମଙ୍ଗଳ ଅଧିକାରୀ ତାଙ୍କୁ ବୁଝାଶୁଝା କରି ବିଦ୍ୟାଳୟକୁ ପଠାଇଦେଇଥିଲେ। ଘଟଣାର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ମଙ୍ଗଳ ଅଧିକାରୀ କହିଛନ୍ତି ।

# ୩ ମାଓବାଦୀ ଗିରଫ

ମାଲକାନଗିରି, ୧୪।୩ (ଦୁର୍ଯ୍ୟୋଧନ ପାତ୍ର)



ଛତିଶଗଡ଼ର ବିଜାପୁରରେ ମାଓବାଦୀ ଦମନ ଅପରେଶନ ବେଳେ ଯବାନମାନେ ୩ଜଣ ମାଓବାଦୀଙ୍କୁ ଗିରଫ କରିଛନ୍ତି । ଗିରଫମାନେ ହେଲେ ସୁଦ୍ର କୁରସମ, ମିଲିସିଆ କମାଣ୍ଡର ଭମାନ ପୋୟାମ ଓ ରାକେଶ ମୁଦମା ।

ସୂଚନା ଅନୁଯାୟୀ,ବିଜାପୁର ଜିଲାରେ ଚାଲିଥିବା ମାଓବାଦୀ ବିରୋଧୀ ଅପରେଶନ ବେଳେ ଜିଲାର ଚିନ୍ତନପାଲୀ ଜଙ୍ଗଲରେ ପୋଲିସ ଓ ଡିଆର୍‌ଜିର ଯବାନଙ୍କ ଦ୍ୱାରା ମିଳିତ ଭାବେ ତଲାସି କରିଥିଲେ। ଏହି ସମୟରେ ଜଙ୍ଗଲରେ କେତେଜଣ ବ୍ୟକ୍ତି ଯବାନଙ୍କୁ ଦେଖି ସେଠାରୁ ଲୁଚି ପଳାଇବାକୁ ଚେଷ୍ଟା କରୁଥିବା ଦେଖି ଯବାନମାନେ ୩ ଜଣଙ୍କୁ କାବୁକରିଥିଲେ। ପଚରାଉଚରା ବେଳେ ସେମାନେ ମାଓବାଦୀ ବୋଲି ଜାଣିବା ପରେ ତୁରନ୍ତ ସେମାନଙ୍କୁ ଗିରଫ କରିଥିଲେ। ସେମାନଙ୍କ ନାମରେ ୧୦ ହଜାର ଟଙ୍କା ଲେଖାଏ ପୁରସ୍କାର ଘୋଷଣା ରହିଥିଲା ବେଳେ ସେମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି।

# ପୋଲିସ-ମାଓବାଦୀ ଗୁଳି ବିନିମୟ


ଜବତ ମାଓବାଦୀ ସାମଗ୍ରୀ ।

ମାଲକାନଗିରି, ୧୪।୩(ଦୁର୍ଯ୍ୟୋଧନ ପାତ୍ର)

### ମହିଳା ଆହତ, ବିପୁଳ ପରିମାଣର ସାମଗ୍ରୀ ଜବତ

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲାରେ ପୋଲିସ-ମାଓବାଦୀ ଗୁଳି ବିନିମୟ ଘଟି ଜଣେ ଗ୍ରାମାଞ୍ଚଳ ମହିଳା ଆହତ ହୋଇଛନ୍ତି। ଘଟଣାସ୍ଥଳରୁ ବିପୁଳ ପରିମାଣର ସାମଗ୍ରୀ ଜବତ କରାଯାଇଛି। ସୂଚନା ଅନୁଯାୟୀ, ବିଜାପୁର ଜିଲା ବୋଡଗା ଜଙ୍ଗଲରେ ଭୈରମଗଡ ଏରିଆ କମିଟିର ମାଓବାଦୀ ମାନେ ଉପସ୍ଥିତ ଥିବା ବିଶେଷ ସୂତ୍ରରୁ ଖବର ପାଇ ଡିଆର୍‌ଜି ଓ ଏସ୍‌ଟିଏଫ୍ ଯବାନମାନେ ମିଳିତ ଭାବେ ବୋଡଗା, ତାକିଲୋଡ ଓ ଉସପରୀ ଗ୍ରାମ ଅଭିମୁଖେ ବାହରିଥିଲେ। ଜଙ୍ଗଲରେ କୋମ୍ବିଂ ସମୟରେ ପୋଲିସ ଉପସ୍ଥିତିକୁ ଦେଖି ମାଓବାଦୀମାନେ ଗୁଳି ଚାଳନା କରିଥିଲେ। ପାଲଟା ଜବାବରେ ପୋଲିସ ଗୁଳି ଚାଳନା କଲା ପରେ ପୋଲିସ ଆକ୍ରମଣକୁ ସାମନା କରି ନ ପାରି ମାଓବାଦୀମାନେ ଘଟଣାସ୍ଥଳରୁ ଛତ୍ରଭଙ୍ଗ ଦେଇଥିଲେ । ଗୁଳି ଚାଳନା ସମୟରେ କ୍ରସ୍ ଫାୟାରିଂରେ ଜଣେ ମହିଳା ଆହତ ହୋଇଛନ୍ତି। ମହିଳା ଜଣକ ରାଜେ ଓୟମ ବୋଲି ଜଣାପଡିଛି। ମହିଳାଙ୍କୁ ଜଗଦଲପୁରର ଡିମରାପାଲ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏଥିରେ ଚାଲଣାରେ ବହୁ ମାଓବବାଦୀ ଆହତ ହୋଇଥିବା ଯବାନମାନେ କହିଛନ୍ତି। ଏଥିସହ ଘଟଣାସ୍ଥଳରୁ ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଜବତ କରାଯାଇଛି।

# ଭାରତୀୟ ବିଦ୍ୟାନିକେତନର ୬ଷ୍ଠ ବାର୍ଷିକ ଉତ୍ସବ

କାଲିମେଳା, ୧୪।୩(ଜୀବନକୃଷ୍ଣ ଦାସ)

କାଲିମେଳା ବ୍ଲକ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଭାରତୀୟ ବିଦ୍ୟାନିକେତନ ଗୁରୁକୁଳ ବିଦ୍ୟାଳୟର ଷଷ୍ଠ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍କୁଲ ସମ୍ପାଦକ ଜୀବନ କୃଷ୍ଣ ଦାସ ଅଧ୍ୟକ୍ଷତା କରିଥିଲେ । ଉତ୍ସବରେ ମାଲକାନଗିରି ବିଧାୟକ ଆଦିତ୍ୟ ମାଢ଼ି ଯୋଗଦେଇ ଛାତ୍ରୀଛାତ୍ର ,ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକଙ୍କୁ ବିବେକାନନ୍ଦଙ୍କର ମହତ ଗୁଣ ବିଷୟରେ ବୁଝାଇଥିଲେ। ସେହିପରି ଗାନ୍ଧୀ ଓ ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଭଲ ମଣିଷ ଓ ଦେଶସେବକ ଭାବେ ନିଜକୁ ଗଢିତୋଳିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଖଇରପୁଟ ବ୍ଲକ୍‌ର ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶଶିଭୂଷଣ ମିଶ୍ର ଯୋଗଦେଇ ପିଲାମାନଙ୍କର କିପରି ବୌଦ୍ଧିକ ଶିକ୍ଷା ବୃଦ୍ଧି ପାଇବ ଓ ଶିକ୍ଷା ସଂସ୍କାର ଓ ସୃଜନଶୀଳତା ବଜାୟ ରହିବ ସେଥିପାଇଁ ପରାମର୍ଶ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ କାଲିମେଳା ପଞ୍ଚାୟତ ସମିତି ଅଧକ୍ଷା ସୁବାସିନୀ ସୋଡ଼ି, ପୂର୍ବତନ ବ୍ଲକ ଅଧକ୍ଷ ମାଲା ମାଢ଼ୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଆଜି ଯେ ଶିଶୁ କାଲି ସେ ସୁପ୍ରତିଷ୍ଠିତ ନାଗରିକ ଗୁଣାତ୍ମକ ଓ ମୂଲ୍ୟବୋଧ ଶିକ୍ଷା ଦ୍ୱାରା ଶିଶୁର ଅନ୍ତର୍ନିହିତ ଗୁଣର ବିକାଶ ଦିଗରେ ଅତିଥିମାନେ ମତ ରଖିଥିଲେ। ପରିଚାଳନା କମିଟି ସଭାପତି ନିରଞ୍ଜନ ମୁଖୀ ସଭା ପରିଚାଳନା କରିଥିଲେ। ପ୍ରଧାନାଚାର୍ଯ୍ୟା ବିଜୟଲକ୍ଷ୍ମୀ ଚକ୍ରବର୍ତ୍ତୀ ବାର୍ଷିକ ବିବରଣୀ ପାଠ କରିଥିଲେ। ସଭା ପୂର୍ବରୁ ବିଦ୍ୟାଳୟରେ ବିଧାୟକଙ୍କ ପାଣ୍ଠିରୁ ନିର୍ମିତ ଶ୍ରେଣୀଗୃହକୁ ବିଧାୟକ ଓ ଅନ୍ୟ ଅତିଥିଗଣ ଉଦ୍‌ଘାଟନ କରିଥିଲେ । ପ୍ରାରମ୍ଭରେ ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ ସହ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ନୃତ୍ୟ ପରିବେଷଣ କରାଯାଇଥିଲା। କ୍ରୀଡାରେ କୃତୀ ଛାତ୍ରୀଛାତ୍ରଙ୍କୁ ମେଡାଲ ଓ ମାନପତ୍ର ଦିଆଯାଇ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ।

# ଜଳକଷ୍ଟ ଭୋଗୁଛନ୍ତି ବନ୍ଧାମାମୁଡ଼ି ଗ୍ରାମବାସୀ

ବାଲିମେଳା, ୧୪।୩(ଶିବଦତ୍ତ ସାହୁ)

ଆରମ୍ଭ ହେଲାଣି ଗ୍ରୀଷ୍ମଋତୁ । ମାଲକାନଗିରି ଜିଲାର ବିଭିନ୍ନ ବ୍ଲକରେ ଜଳ ସଙ୍କଟ ଦେଖାଦେଇଛି। ମୁଖ୍ୟତଃ ପାନୀୟଜଳ ଭଳି ସର୍ବନିମ୍ନ ମୌଳିକ ସୁବିଧା ଗ୍ରାମବାସୀଙ୍କ ପାଇଁ ଏକ ପ୍ରକାର ସ୍ୱପ୍ନ ହୋଇଛି। ଏଭଳି ଦେଖିବାକୁ ମିଳିଛି କୋରୁକୋଣ୍ଡା ବ୍ଲକ ନାକାମାମୁଡ଼ି ପଞ୍ଚାୟତ ବନ୍ଧାମାମୁଡ଼ି ଗାଁରେ। ଏହି ଗ୍ରାମରେ ଥିବା ଦୁଇଟି ସୌରଚାଳିତ ପ୍ରକଳ୍ପ ପ୍ରାୟ ୬ରୁ ୭ମାସ ହେବ ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି। ଖାଲି ଏତିକି ନୁହେଁ, ଗ୍ରାମରେ ଥିବା ୫ଟି ନଳକୂପ ମଧ୍ୟରୁ ୩ଟି ଦୀର୍ଘମାସ ହେବ ଅଚଳ ହୋଇ ପଡ଼ିଛି। ଫଳରେ ପାଣି ମୁନ୍ଦାଏ ପାଇଁ ଗ୍ରାମବାସୀ ହନ୍ତସନ୍ତ ହେଉଛନ୍ତି । ନକାମାମୁଡ଼ି ପଞ୍ଚାୟତ କାର୍ଯ୍ୟାଳୟଠାରୁ ପ୍ରାୟ ୪ କି.ମି.ଦୂରରେ ବନ୍ଧାମାମୁଡ଼ି ଗ୍ରାମ ଥିବା ବେଳେ ଏହା ଉପରେ ବିଭାଗୀୟ ଅଧିକାରୀ, ପଞ୍ଚାୟତ କର୍ତ୍ତୃପକ୍ଷ କିମ୍ବା ନିର୍ବାଚିତ ଜନ ପ୍ରତିନିଧିଙ୍କ ଦୃଷ୍ଟି ପଡୁନି ।

ଏ ସମ୍ପର୍କରେ ପଞ୍ଚାୟତ କର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭକରି ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ କନିଷ୍ଠଯନ୍ତ୍ରୀ, ବ୍ଲକ ପ୍ରଶାସନ ଏବଂ ନିର୍ବାଚିତ ଜନ ପ୍ରତିନିଧିଙ୍କ ଆଗରେ ଯେତେ ନେହୁରା ହେଲେ ବି କେହି କର୍ଣ୍ଣପାତ କରୁନାହାନ୍ତି ବୋଲି ଗ୍ରାମର ଶ୍ୟାମ ଖିଲ, ରାମଚନ୍ଦ୍ର ମୁଦୁଲି, ଲକ୍ଷ୍ମୀ ଖିଲ, ବୈଦ୍ୟ ହନ୍ତାଳ, ଗୁଲୁତି ମିଦୁଲି, ଲଛମି ଖରା ଓ ନୈନା ବୈରାଗୀଙ୍କ ସମେତ ସମସ୍ତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବନ୍ଧାମାମୁଡ଼ି ଗ୍ରାମବାସୀଙ୍କ କହିବା ଅନୁଯାୟୀ ଏହି ଗାଁରେ ୫୨ରୁ ପରିବାରର ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ଲୋକେ ବସବାସ କରି ଆସୁଛନ୍ତି। ଗ୍ରାମବାସୀଙ୍କୁ ବିଶୁଦ୍ଧ ଜଳ ଯୋଗାଣ ପାଇଁ ବିଭାଗ ପକ୍ଷରୁ ପ୍ରାୟ ୪ ବର୍ଷ ପୂର୍ବେ ଗାଁରେ ଦୁଇଟି ସୌରଚଳିତ ପାନୀୟଜଳ ପ୍ରକଳ୍ପ ସ୍ଥାପନ କରାଯାଇଥିଲା। ଏଥିପାଇଁ ବିଭାଗ ପକ୍ଷରୁ ପ୍ରତ୍ୟେକ ପ୍ରାୟ ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ହୋଇଥିଲା । ଗ୍ରାମବାସୀଙ୍କୁ ଜଳ ଯୋଗାଇ ଦେବାକୁ ପାଇପ୍ ବିଛାଯାଇ କେତେକ ଷ୍ଟାଣ୍ଡପୋଷ୍ଟ ନିର୍ମାଣ କରାଯାଇଥିଲା । ଦୁଇଟି ଯାକ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ପରଠାରୁ କିଛିମାସ ପର୍ଯ୍ୟନ୍ତ ଠିକ ଚାଲିଥିଲା। ଏହାପରେ ପର୍ଯ୍ୟାୟକ୍ରମେ ଗାଁରେ ଥିବା ଦୁଇଟି ଯାକ ପ୍ରକଳ୍ପ ସମ୍ପୂର୍ଣ୍ଣ ଅଚଳ ହୋଇ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ଗ୍ରାମରେ ଥିବା ମୋଟ ୫ ନଳକୂପ ମଧ୍ୟରୁ କଲୋନୀରେ ଥିବା ୩ ନଳକୂପ ଅଚଳ ହୋଇପଡିଛି। ଅବଶିଷ୍ଟ ଦୁଇଟି ମଧ୍ୟରୁ ସ୍କୁଲ ପାର୍ଶ୍ୱରେ ଥିବା ନଳକୂପରୁ ହ୍ୟାଣ୍ଡେଲ ମାରିଲେ ବହୁ କଷ୍ଟରେ ହାଣ୍ଡିଏ ପାଣି ବାହାରୁଛି। ଅଙ୍ଗନୱାଡ଼ି କେନ୍ଦ୍ରରେ ନଳକୂପ ନାହିଁ କିମ୍ବା ପାଣି ବ୍ୟବସ୍ଥା ମଧ କରାଯାଇ ନାହିଁ। ଫଳରେ ଅଙ୍ଗନୱାଡ଼ି କେନ୍ଦ୍ରକୁ ଶିଶୁ ମାନଙ୍କର ରୋଷେଇ ପାଇଁ ବାହାରୁ ପାଣି ବୋହି ଆଣିବାକୁ ବାଧ ହେଉଛୁ ବୋଲି କର୍ମୀ ସରୋଜିନୀ ଖରା କହିଛନ୍ତି । ଗାଁ ଲୋକେ ପ୍ରାୟ ଦେଢ଼ କି.ମି. ଦୂରରେ ଥିବା ବାଲିମେଳା ମାଟିବନ୍ଧକୁ ଯାଇ ଶୌଚହେବା ସହିତ ସେଠାରୁ ଜଳ ସଂଗ୍ରହ କରି ଅଣୁଥିବା ବହୁ ଗ୍ରାମବାସୀ କରିଛନ୍ତି।

ପୂର୍ବରୁ ଗାଁରେ ଥିବା ଦୁଇଟି କୂଅ ଭଗ୍ନ ଅବସ୍ଥାରେ ପଡି ରହିଛି । ଏଠାରେ ଜଳ ସଙ୍କଟ ଲାଗି ରହିଥିବାରୁ ଗାଁ ଲୋକଙ୍କ ସମେତ ଗୋରୁ ଓ ଅନ୍ୟ ଗୃହପାଳିତ ପ୍ରାଣୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗାଁରେ ଜଳ ସଙ୍କଟ ଦୀର୍ଘବର୍ଷ ଧରି ଲାଗିରହିଛି। ୨୦୧୭ରେ ସହଦେବ ବୈରାଗୀଙ୍କ ଗର୍ଭବତୀ ସ୍ତ୍ରୀ ମାରିୟମା ବୈରାଗୀ ତାଙ୍କ ୨ ବର୍ଷର ଶିଶୁକନ୍ୟାକୁ ସାଙ୍ଗରେ ନେଇ ପାଣି ଆଣିବା ପାଇଁ



ଅଚଳ ହୋଇ ପଡିଥିବା ସୋଲାର ପ୍ରକଳ୍ପ ।

### ଅଚଳ ୨ ସୋଲାର ପ୍ରକଳ୍ପ, ନଳକୂପ

ଗାଁରେ ଥିବା କୂଅକୁ ଯାଇଥିଲେ। କୌଣସି କାରଣରୁ ଶିଶୁକନ୍ୟାଟି କୂଅ ଭିତରେ ଗଳି ପଡିବାରୁ ତୁରନ୍ତ ତାକୁ ଉଦ୍ଧାର କରିବା ପାଇଁ ମାରିୟାମ୍ମା କୂଅକୁ ଡେଇଁ ଉଦ୍ଧାର କରିଥିଲେ। ଶେଷରେ ମାରିୟାମ୍ମାଙ୍କ ମୃତ୍ୟୁ ହୋଇଥବା ନେଇ ଶାଶୁ ନୈନା ବୈରାଗୀ କୋହଭରା କଣ୍ଠରେ କହିଛନ୍ତି। ଏନେଇ ଜଳ ଯୋଗାଣ ବିଭାଗର କନିଷ୍ଠଯନ୍ତ୍ରୀ ରବୀନ୍ଦ୍ର ବିଶ୍ୱାଳଙ୍କୁ ପଚାରିବାରୁ ଉକ୍ତ ଗ୍ରାମ ଭିତରେ ଅଚଳ ହୋଇଥିବା ସୌରଚାଳିତ ପ୍ରକଳ୍ପକୁ ମରାମତି କରିବା ଗୋଟିଏ ଟିମ୍‌କୁ ଉକ୍ତ ଗ୍ରାମକୁ ପଠାଯାଇଛି ।

ସ୍କୁଲ ପାଖରେ ଥିବା ପ୍ରକଳ୍ପର ନଳକୂପରୁ ପାଣି କମ୍ ବାହାରୁଛି। ସେଠାରେ ଆଉ ଗୋଟେ ନୂତନ ନଳକୂପ ଖୋଳାଯିବ। ପଞ୍ଚାୟତ ପକ୍ଷରୁ ନଳକୂପ ଖୋଲିବା ପାଇଁ ନିର୍ବାହୀ ଅଧିକାରୀ ଗାଡ଼ି ଯୋଗାଡ଼ କରିଥିବା ଯନ୍ତ୍ରୀ ବିଶ୍ୱାଳ କହିଛନ୍ତି। ଏ ସମ୍ପର୍କରେ ନାକାମାମୁଡ଼ି ପଞ୍ଚାୟତ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ଗୁରୁଙ୍କୁ ପଚାରିବାରୁ ପଞ୍ଚାୟତ ପକ୍ଷରୁ ଏଥି ନିମନ୍ତେ ତୁରନ୍ତ ପଦକ୍ଷପ ଗ୍ରହଣ କରାଯିବ ବୋଲି କହିଛନ୍ତି ।

## ସଂକ୍ଷେପରେ

### ହିରୋର ନୂଆ ବାଇକ୍ ଏକ୍ସଟ୍ରିମ ୧୨୫ ଆର ଉନ୍ମୋଚିତ

ସୁନାବେଡା, ୧୪।୩ (କୃତ୍ତିବାସ ପ୍ରଧାନ)

ସେମିଳିଗୁଡା ନନ୍ଦପୁର ରୋଡ଼ସ୍ଥିତ କେପି ହିରୋ ଶୋରୁମରେ ଗୁରୁବାର ହିରୋ ଏକ୍ସଟ୍ରିମ ୧୨୫ ଆରର ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ କୋରାପୁଟ ଜିଲା ପୋଲିସର ପ୍ରବେସନାରୀ ଆଇପିଏସ୍ ପାର୍ଥ କଶ୍ୟପ ଯୋଗ ଦେଇଥିଲେ। ଅତ୍ୟାଧୁନିକ ଜ୍ଞାନକୌଶଳଯୁକ୍ତ ଏହି ବାଇକରେ ଏବିଏସ ସିଷ୍ଟମ ସହ ସିଙ୍ଗଲ ସକ୍‌ବଜର, ଜିପିଏସ ଏବଂ ଦୁର୍ଘଟଣାରେ ସୂଚନା ନିମନ୍ତେ ସିମ କାର୍ଡ ବ୍ୟବସ୍ଥା ରହିଛି। ଏହା ଯୁବ ପିଢ଼ିକୁ ବେଶ ଆକୃଷ୍ଟ କରିବ ବୋଲି କଶ୍ୟପ କହିଛନ୍ତି । ଏହି ବାଇକ୍ ଚଲାଇବା ସମୟରେ ହେଲମେଟ ବ୍ୟବହାର ଅତ୍ୟନ୍ତ ଜରୁରୀ। ଏହାଦ୍ୱାରା ଅନେକାଂଶରେ ଧନଜୀବନ ରକ୍ଷା ହୋଇପାରିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସୁନାବେଡା ପୌରାଧ୍ୟକ୍ଷ ଡ.ରାଜେନ୍ଦ୍ର ପାତ୍ର ,ସେମିଳିଗୁଡା ଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ, ସେମିଳିଗୁଡା ବଣିକ ସଂଘ କର୍ମକର୍ତ୍ତାଙ୍କ ସହ ଶୋରୁମ କର୍ମଚାରୀମାନେ ଉପସ୍ଥିତ ଥିଲେ ।

### ବୋରିଗୁମ୍ମାରେ ନୂତନ ଏସ୍‌ଡିପିଓ

ବୋରିଗୁମ୍ମା, ୧୪।୩(ବିଜୟ ନାୟକ)

ବୋରିଗୁମ୍ମାରେ ନୂତନ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ (ଏସ୍‌ଡିପିଓ) ଭାବେ ତପସ୍ୱିନୀ କହଁର ଯୋଗ ଦେଇଛନ୍ତି। ବୋରିଗୁମ୍ମା ପ୍ରେସ୍ କ୍ଲବ ପକ୍ଷରୁ ତାଙ୍କୁ ଅଭିନନ୍ଦନ ଜଣାଯାଇଛି। ପ୍ରେସ୍ କ୍ଲବ ସଭାପତି ବିଜୟ ନାରାୟଣ ସାହୁଙ୍କ ନେତୃତ୍ୱରେ ଏସ୍‌ଡିପିଓଙ୍କୁ ସ୍ୱାଗତ କରାଯାଇଥିଲା । ଏହି ସମୟରେ ପ୍ରେସ କ୍ଲବ ସଭ୍ୟ କେ.ସାକିଲି ଦୋରା, ରଞ୍ଜନ ମିଶ୍ର, ଜି.ମୋହନ ଦୋରା, ରିଙ୍କୁ ପଟ୍ଟନାୟକ, ସୁଶିଳ ଷଡ଼ଙ୍ଗୀ, ସୁକାନ୍ତ ମାଝୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ନୂତନ ଭାବେ ଯୋଗ ଦେଇଥିବା ତହସିଲଦାର ଅମୃତଲାଲ ବେହେରାଙ୍କୁ ମଧ୍ୟ ସ୍ୱାଗତ କରାଯାଇଥିଲା ।

### ସରକାରୀ ଯୋଜନା ଯୋଡ଼ିବାରେ ହୋଇଛି ସହାୟକ

ପଟ୍ଟାଙ୍ଗି, ୧୪।୩(ଶରତ ଧଳ)

ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ଅନେକ ସମୟରେ ବାଟମାରଣା ହୋଇଥାଏ। ସରକାରୀ ଯୋଜନାରୁ ଗ୍ରାମାଞ୍ଚଳ ଲୋକମାନେ ବଞ୍ଚିତ ହୋଇଥାନ୍ତି। ଏହାକୁ ଦୃଷ୍ଟିରେ ରଖି କୋରାପୁଟ ଜିଲା ପଟ୍ଟାଙ୍ଗି ବିଡିଓ ସୁକାନ୍ତ ପଟ୍ଟନାୟକ ଆରମ୍ଭ କରିଥିବା 'ଆସ ଖୋଜିବା' କାର୍ଯ୍ୟକ୍ରମ ଏବେ ସରକାରୀ ଯୋଜନାରେ ଲୋକଙ୍କୁ ଯୋଡ଼ିବାରେ ସହାୟକ ହୋଇପାରିଛି। ବିଡିଓ ପଟ୍ଟନାୟକ ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକରେ କାର୍ଯ୍ୟରତ ସମୟରେ ଉକ୍ତ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହା ମାଧ୍ୟମରେ ସରକାରୀ ଯୋଜନାରୁ ବଞ୍ଚିତ ବହୁ ଲୋକଙ୍କୁ ଚିହ୍ନଟକରି ସେ ସହାୟତା ଯୋଗାଇଦେଇଛନ୍ତି। ବିଡିଓ ପଟ୍ଟନାୟକ ପଟ୍ଟାଙ୍ଗି ବ୍ଲକରେ ଅଗଷ୍ଟ ୨୧ରେ ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମେ ଆସ ଖୋଜିବା କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦେଇ ଆରମ୍ଭ କରିଥିଲେ। ଏହାଦ୍ୱାରା ସରକାରୀ ଯୋଜନାରୁ ବଞ୍ଚିତ ହୋଇ ରହିଯାଉଥିବା ଲୋକମାନେ କିପରି ଚିହ୍ନଟ ହୋଇପାରିବେ ସେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭିଆର୍‌ପିମାନଙ୍କ ସହଯୋଗରେ ଗତ ସେପ୍ଟେମ୍ବରରୁ ଫେବୃଆରୀ ୬ମାସ ମଧ୍ୟରେ ବ୍ଲକରେ ୨୦୬ ଜଣଙ୍କୁ ଚିହ୍ନଟ କରି ମଧୁବାବୁ ପେନ୍‌ସନ ଦେବାରେ ସକ୍ଷମ ହୋଇଛି। ସେହିପରି ୧୯ଜଣଙ୍କୁ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ଚିହ୍ନଟ କରାଯାଇ ପ୍ରତି ପରିବାରକୁ ୨୦ହଜାର ଟଙ୍କା ସହାୟତା ଯୋଗାଇ ଦିଆଯାଇଛି। ୧୪ଜଣ ଶିକ୍ଷିତ ଯୁବତୀଯୁବକଙ୍କୁ ତାଲିମ ପ୍ରଦାନ କରାଯାଇଛି। ୯୮ଜଣଙ୍କୁ ଜଙ୍ଗଲ ଜମିପଟ୍ଟା ଦିଆଯାଇଛି। ବିଡିଓ ପଟ୍ଟନାୟକଙ୍କ ଏପରି ଉଦ୍ୟମକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

### ଭୋଟ ଦାନ କେନ୍ଦ୍ରରେ ନିୟୋଜିତ କର୍ମଚାରୀଙ୍କୁ ତାଲିମ

ଜୟପୁର, ୧୪।୩ (ପବନ ପାଣିଗ୍ରାହୀ)

ଜିଲା ନିବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୋରାପୁଟ ଜିଲାର ୧୪ଟି ବ୍ଲକରେ ସାଧାରଣ ନିର୍ବାଚନ ନେଇ ତାଲିମ ଶିବର ଅନୁଷ୍ଠିତ ହୋଇଛି। ଏନେଇ ଜୟପୁର ବ୍ଲକରେ ମଧ୍ୟ କର୍ମଚାରୀଙ୍କୁ ତାଲିମ ପ୍ରଦାନ କରାଯାଇଛି। ୧୪ରୁ ୧୯ ଯାଏ ପର୍ଯ୍ୟନ୍ତ ଏହି ତାଲିମ ଶିବିର ଚାଲିବ। ବିଡିଓ ଶକ୍ତି ମହାପାତ୍ର ତାଲିମ କାର୍ଯ୍ୟର ତଦାରଖ କରିଥିଲେ। । ଭୋଟଦାନ କେନ୍ଦ୍ରରେ କର୍ମଚାରୀମାନେ ନିଜ ଦାୟିତ୍ୱ କିପରି ସୁଚାରରୂପେ ପାଳନ କରିବେ ସେ ନେଇ ତାଲିମ ଦିଆଯାଇଛି।

# ଜଳବାୟୁ ପରିବର୍ତ୍ତନ କଫି ଅମଳରେ ବାଧକ

## ଚିନ୍ତାରେ କୋରାପୁଟ କଫି ଚାଷୀ

କୋରାପୁଟ, ୧୪।୩(ଅମିତାଭ ବେହେରା)



କଫି ଉତ୍ପାଦନ କରିଥିବା ମହିଳା କଫିଚାଷୀ ।

ବିଶ୍ୱରେ ଜଳବାୟୁ ପରିବର୍ତ୍ତନ ଯୋଗୁ ପାଣିପାଗ ଓ ଋତୁଚକ୍ରରେ ସନ୍ତୁଳନ ନଷ୍ଟହେବାରେ ଲାଗିଛି। ଏହାର ଫଳ ସ୍ୱରୂପ ଅସ୍ୱାଭାବିକ ବର୍ଷା, ଖରା, ଶୀତ ଆଦି ଅନୁଭୂତ ହେଉଛି। ତେବେ ଏହି ଜଳବାୟୁ ପରିବର୍ତ୍ତନ କଫିଚାଷ ଉପରେ ମଧ୍ୟ ପ୍ରଭାବ ପକାଇଛି। ସାରା ବିଶ୍ୱରେ କଫି ଚାଷ ଉପରେ ଜଳବାୟୁ ପରିବର୍ତ୍ତନ ପ୍ରଭାବ ପଡ଼ିଥିବା ବେଳେ କୋରାପୁଟରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଛି। ଏହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି କୋରାପୁଟ କଫି ଚାଷୀ। କୋରାପୁଟ କଫିର ଚାହିଦା ବୃଦ୍ଧି ପାଇଥିବା ଯୋଗୁ ଜିଲାରେ ବର୍ତ୍ତମାନ ୧୭୦୦ହେକ୍ଟର ଜମିରେ କଫି ଚାଷ କରାଯାଉଛି। ଆସନ୍ତା ୩ରୁ ୫ ବର୍ଷ ମଧ୍ୟରେ ୫୦୦୦ ହେକ୍ଟର ଜମିରେ କଫି ଚାଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। କୋରାପୁଟରେ ଜଳବାୟୁ, ମୃତ୍ତିକା ଓ ଭୂଭାଗ କଫି ଚାଷ ପାଇଁ ସର୍ବଦା ଅନୁକୂଳ ରହିଛି। ପ୍ରତିବର୍ଷ ଅକ୍ଟୋବର ଶେଷ ସପ୍ତାହ ଆଡ଼କୁ ବର୍ଷା ଛାଡ଼ିଯାଇ ଶୀତ ଆସିବା ପୂର୍ବରୁ ଖରା ପଡ଼ିବାରୁ ଏହା କଫି ଫଳ ପାଚିବାରେ ସହାୟକ ହୋଇଥାଏ। ମାତ୍ର ଗତ ବର୍ଷ କୋରାପୁଟ ଅଞ୍ଚଳରେ ହୋଇଥିବା ଅନିୟମିତ ବୃଷ୍ଟିପାତ ହେତୁ ଚଳିତ ବର୍ଷ କଫି ଚାଷ ବିଶେଷ ପ୍ରଭାବିତ ହୋଇଥିବା ଦଶମନ୍ତପୁର ବ୍ଲକ ଛୋଟାଗୁଡ଼ାସ୍ଥିତ ବ୍ରାଉନ ଭେଲି କଫି ବଗିଚାର କଫି ଉଦ୍ୟୋଗୀ ସୁଜୟ ପ୍ରଧାନ କହିଛନ୍ତି। ଏହି କାରଣରୁ ଶତକଡ଼ା ୩୦ରୁ ୪୦ ଭାଗ କଫି ଉତ୍ପାଦ ହ୍ରାସ ପାଇଥିବା ରାଜୁଗୁଡ଼ାସ୍ଥିତ ସପ୍ତଗିରି କଫି ବଗିଚାର ଉଦ୍ୟୋଗୀ ସୁଶାନ୍ତ ପଣ୍ଡା କହିଛନ୍ତି। କଫିଚାଷୀ ବଦଳୁଥିବା ଜଳବାୟୁ ସହ ଖାପଖୁଆଇ କିପରି ଫଳ ତୋଳିବାରେ ସକ୍ଷମ ହୋଇପାରିବେ ସେଥିପ୍ରତି ଦୃଷ୍ଟିଦେବା ଆବଶ୍ୟକ ବୋଲି ଅନ୍ତର୍ଜାତୀୟ ସଂସ୍ଥା ଟାଟା କଫିର ସ୍ୱତନ୍ତ୍ର ଅଧିକାରୀ ଆୟାପ୍ପା କହିଛନ୍ତି। ଜଳବାୟୁର ପରିବର୍ତ୍ତିତ ସ୍ଥିତିକୁ ଦୃଷ୍ଟିରେ ରଖି କଫି ବଗିଚାର କିପରି ସୁପରିଚାଳନା କରି କଫି ଉତ୍ପାଦନକୁ ବୃଦ୍ଧି କରିହେବ ସେ ନେଇ ଆୟାପ୍ପା ସଚେତନ କରାଯାଇଥିବା କେଲାରସ୍ଥିତ ମଧୁ ଏଗ୍ରୋ କଫି ବଗିଚାର ମହିଳା ଉଦ୍ୟୋଗୀ ରାଜେଶ୍ୱରୀ ରେଡ୍ଡି କହିଛନ୍ତି।

# ଜିଲା ଶିକ୍ଷାଧିକାରୀଙ୍କୁ ଓଷ୍ଟା ସଂଘ ପକ୍ଷରୁ ସମ୍ବର୍ଦ୍ଧନା




ଜିଲା ଶିକ୍ଷା ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

କୋରାପୁଟ, ୧୪।୩(ଅମିତାଭ ବେହେରା)

କୋରାପୁଟ ଜିଲା ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟଠାରେ ଜିଲା ଓଷ୍ଟା ସଂଘ ପକ୍ଷରୁ ନୂତନ ଭାବେ ଯୋଗଦେଇଥିବା ଜିଲ୍ଲା ଶିକ୍ଷାଧିକାରୀ ଡ. ପ୍ରଶାନ୍ତ ମହାନ୍ତିଙ୍କୁ ଏକ ସଭାରେ ସମ୍ବର୍ଦ୍ଧିତ କରାଯାଇଛି। ଏଠାରୁ ବିଦାୟ ନେଇଥିବା ପୂର୍ବତନ ଜିଲ୍ଲା ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାହାକଙ୍କୁ ଏହି ଅବସରରେ ସ୍ୱାଗତ କରାଯାଇଥିଲା। ରାମଚନ୍ଦ୍ର ଏଠାରେ ୪ବର୍ଷ ରହଣି କାଳରେ କୋରାପୁଟ ଜିଲ୍ଲାର ଶିକ୍ଷା ବ୍ୟବସ୍ଥାକୁ ଅଗ୍ରଣୀ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏଥିପାଇଁ ସେ ମୁଖ୍ୟମନ୍ତ୍ରୀ ପୁରସ୍କାର ପାଇଥିଲେ। ରାମଚନ୍ଦ୍ର ଜିଲ୍ଲାର ସମସ୍ତ ବିଦ୍ୟାଳୟ, ଉଚ୍ଚବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବୁଲି ଶିକ୍ଷା ବ୍ୟବସ୍ଥାର ତଦାରଖ କରୁଥିଲେ। ଏହି କାର୍ଯ୍ୟକ୍ରମରେ ଓଷ୍ଟା ଜିଲା ସଭାପତି ସୁଶାନ୍ତ ଖୁଣ୍ଟିଆ, ଜିଲା ସମ୍ପାଦକ ଅଶୋକ ପଟ୍ଟନାୟକ, ରାଜ୍ୟ ଉପସଭାପତି ବିଜୟ ଭଞ୍ଜ, ଜିଲା ଉପସଭାପତି ସରୋଜ ପାଢ଼ୀ, ଭିକାରି ବିଶ୍ୱାଳ, ଓମ୍ ପ୍ରକାଶ ମିଶ୍ର, ମଧୁସୂଦନ ଜେନାଙ୍କ ସହ ଜିଲ୍ଲାର ସମସ୍ତ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ହିମାଂଶୁ ଶେଖର ଦାସ ଧନ୍ୟବାଦ ଦେଇଥିଲେ।

# ମଲ୍ଟି ଫଙ୍କ୍‌ସନ ହଲ୍‌ରେ ନାହିଁ ପାର୍କିଂ ବ୍ୟବସ୍ଥା




ମଲ୍ଟି ଫଙ୍କ୍‌ସନ ହଲ୍ ସ୍ଥଳ।

ସୁନାବେଡ଼ା/ସେମିଳିଗଡ଼ା, ୧୪।୩ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ସୁନାବେଡ଼ା ପୌର ପରିଷଦ ଅଧୀନ ୧୮ ନଂ. ୱାର୍ଡ ଧନରାଗିଣୀ ମନ୍ଦିର ନିକଟରେ ୨୦୧୯ରେ ନିର୍ମାଣ ହୋଇଥିଲା ମଲ୍ଟି ଫଙ୍କ୍‌ସନ ହଲ୍। ଏଥିରେ ସେ ସମୟରେ ୪୯ ଲକ୍ଷ ୩୨ ହଜାର ୯୬୭ ଟଙ୍କା ଖର୍ଚ୍ଚ ହୋଇଥିଲା। ଏହି ଟଙ୍କା ଜିଲା ଖଣିଜ ପାଣ୍ଠିରୁ ବିନିଯୋଗ କରାଯାଇଥିଲା। ଏହି ହଲ୍‌ରେ ଉଭୟ ସୁନାବେଡ଼ା ଓ ସେମିଳିଗୁଡ଼ା ସହରର ଲୋକମାନେ ନିଜ ନିଜର ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ କରିବା ଲକ୍ଷ୍ୟରେ ଏହା ନିର୍ମାଣ କରାଯାଇଥିଲା। ସେହି ଅନୁସାରେ ବିଭିନ୍ନ ସଙ୍ଗଠନ ଏଠାରେ ସଭା ସମିତି କରୁଥିଲେ। ରାସ୍ତା ପାର୍ଶ୍ୱରେ ଥିବା ଏହି ମଲ୍ଟି ଫଙ୍କସନାଲ୍ ହଲ୍‌ରୁ ପୌର ପ୍ରଶାସନ ମଧ୍ୟ ରାଜସ୍ୱ ପାଇଥାଏ। ତେବେ ରାଜସ୍ୱ ଆଦାୟକରି ପୌର ପ୍ରଶାସନ ନୀରବ ରହେ। ଜନସାଧାରଣଙ୍କ ପାର୍କିଂ ସୁବିଧା ପାଇଁ କୌଣସି ଗୁରୁତ୍ୱ ଦେଉ ନ ଥିବା ବେଳେ ପାର୍କିଂ ସୁବିଧା ନ ଥିବାରୁ ଏଠାରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟିବାର ମଧ୍ୟ ସମ୍ଭାବନା ରହିଛି। ଅନ୍ୟପକ୍ଷରେ ଏହି ଫଙ୍କସନାଲ୍ ହଲ୍‌ରେ ରୋଷେଇଶାଳ ନ ଥିବାରୁ ଲୋକେ ଭୋଜି କରିବା ବେଳେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏ ସମ୍ପର୍କରେ ସୁନାବେଡ଼ା ପୌରାଧ୍ୟକ୍ଷ ଡ. ରାଜେନ୍ଦ୍ର ପାତ୍ରଙ୍କୁ ପଚାରିବାରୁ ସେ କହିଲେ, ଫଙ୍କ୍‌ସନ ହଲ୍‌ଟି ଲୋକଙ୍କ କାମରେ ଲାଗୁଛି। ଏଥିରୁ ଲୋକେ ଉପକୃତ ହେଉଛନ୍ତି। ଆବଶ୍ୟକତା ଦୃଷ୍ଟିରୁ ରହିଥିବା ରୋଷେଇଶାଳ ସମସ୍ୟା ସମ୍ପର୍କରେ ସେ ଅବଗତ ଅଛନ୍ତି। ଏନେଇ ଆଲୋଚନା କରି ସମସ୍ୟା ସମାଧାନ କରାଯିବ।

# ଓଡ଼ିଶା ଅମଲା ସଂଘ ବୈଠକ

ଜୟପୁର, ୧୪।୩(ପବନ ପାଣିଗ୍ରାହୀ)

ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲା ଶାଖାର ଏକ ବୈଠକ ଜୟପୁର ଯାଦବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଶଶୀଭୂଷଣ ଦାଶଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ବୈଠକରେ ଅମଲା ସଂଘର କର୍ମକର୍ତ୍ତା ଓ ସଦସ୍ୟ ଯୋଗ ଦେଇଥିଲେ। ଜିଲାସ୍ତରୀୟ ଅମଲାଙ୍କ ଏକମାତ୍ର ଦାବି ପୂରଣରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ବୈଠକରେ ସମ୍ପାଦନ ସଞ୍ଜୟ ପଣ୍ଡା, ସାଙ୍ଗଠନିକ ସମ୍ପାଦକ ସମ୍ପାଦକ କେ. ସୁବାସ ଚନ୍ଦ୍ର ଆଚାର, ଜିଲା ଶାଖାର କୈଳାସ ସାମନ୍ତରାୟ, କୋଷାଧ୍ୟକ୍ଷ ସତ୍ୟ ରଞ୍ଜନ ତ୍ରିପାଠୀ, ପ୍ରଶାନ୍ତ ଭଞ୍ଜ, ଜଗନ୍ନାଥ ଦାଶ, ଗୁପ୍ତ ପ୍ରସାଦ ମହାନ୍ତିଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ପୋଲିଂ ଅଧିକାରୀଙ୍କ ୩ ଦିନିଆ ତାଲିମ ଶିବିର



ଆଭାସି ମାଧ୍ୟମରେ ଜିଲାପାଳ ପୋଲିଂ ଅଧିକାରୀମାନଙ୍କୁ ତାଲିମ ଦେଉଛନ୍ତି।

ନନ୍ଦପୁର, ୧୪।୩ (ଶଙ୍କର ପୂଜାରୀ)

ଲୋକ ସଭା ଓ ବିଧାନସଭା ନିର୍ବାଚନ ପରିଚାଳନା ପାଇଁ ପ୍ରଶାସନ ପକ୍ଷରୁ ପୋଲିଂ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ନନ୍ଦପୁର ବ୍ଲକର ୫୨୮ କର୍ମଚାରୀଙ୍କ ପ୍ରଶିକ୍ଷଣ ଲାଗି ୨ଟି ପ୍ରଶିକ୍ଷଣ କେନ୍ଦ୍ର ବ୍ଲକ୍ କାର୍ଯ୍ୟାଳୟ ସଭାଗୃହ ଓ ନନ୍ଦପୁର ଉଚ୍ଚ ବିଦ୍ୟାଳୟ ସ୍ମାର୍ଟ ସଭାଗୃହରେ କରାଯାଇଛି। ଆଭାସି ମାଧ୍ୟମରେ ଜିଲାପାଳ ଭି. କୀର୍ତ୍ତିଭାସନ ପୋଲିଂ ଅଧିକାରୀମାନଙ୍କୁ ସ୍ୱଚ୍ଛ ନିର୍ବାଚନ ପରିଚାଳନା ନିମନ୍ତେ ବିଭିନ୍ନ ପରାମର୍ଶ ଦେଇଥିଲେ। ପ୍ରଶିକ୍ଷଣର ପ୍ରଥମ ଦିନରେ ୨ ପ୍ରଶିକ୍ଷଣ କେନ୍ଦ୍ରରେ ଜିଲାସ୍ତରୀୟ ମାଷ୍ଟର ଟ୍ରେନର ରୂପେ ବିଡିଓ ଦୁର୍ଗାପ୍ରସାଦ ଦୋରା ଓ ତହସିଲଦାର ଅନାଦି ଚରଣ ସାହୁ ଦାୟିତ୍ୱ ତୁଲାଇଥିଲେ। ୫ ଜଣ ପ୍ରଶିକ୍ଷକ ବିଇଓ ନନ୍ଦପୁରର ଭବାନୀ ନନ୍ଦନ ପଟ୍ଟନାୟକ, ଜିପିଇଓ ବେଦାନ୍ତ ମାଝି, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁବ୍ରତ ପରିଡ଼ା, ଜିଲା ସହକାରୀ ମଙ୍ଗଳ ଅଧିକାରୀ ଦିବ୍ୟରଞ୍ଜନ ବିଶ୍ୱାଳ, ବିଇଓ ନାରାୟଣପାଟଣା ରଘୁନାଥ ପାଙ୍ଗୀ ଉପସ୍ଥିତ ପୋଲିଂ ଅଧିକାରୀମାନଙ୍କୁ ତାଲିମ ଦେଇଥିଲେ। ଦ୍ୱିତୀୟ ପୋଲିଂ ଅଧିକାରୀମାନଙ୍କୁ ନିର୍ବାଚନ ପରିଚାଳନା, ଇଭିଏମ୍ ମେସିନ ଚାଳନା, ଭୋଟରଙ୍କ ସହ ବ୍ୟବହାର ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା।

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳନ

କୋରାପୁଟ, ୧୪।୩(ଅମିତାଭ ବେହେରା)

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ସୁନାବେଡ଼ା କ୍ୟାମ୍ପସ ପରିସରରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ ହୋଇଯାଇଛି। ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ 'ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଓ ଆମ ଦାୟିତ୍ୱ' ଶୀର୍ଷକ ଆଲୋଚନାଚକ୍ରକୁ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ବାଲେଶ୍ୱର ଉପେନ୍ଦ୍ରନାଥ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ରମାକାନ୍ତ ବେହେରା ମୁଖ୍ୟବକ୍ତା, ଡିନ୍ ପ୍ରଫେସର ଏନ୍ .ସି. ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଡ. ରୁଦ୍ରାଣୀ ମହାନ୍ତି ସ୍ୱାଗତ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଡ. ବେହେରା ଓଡ଼ିଆ ଭାଷାର ଶାସ୍ତ୍ରୀୟ ଭିତ୍ତିଭୂମି ଉପରେ ଆଲୋକପାତ କରି ଏନେଇ ଆମର ଦାୟିତ୍ୱ ଓ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଡ. ଆଲୋକ ବରାଳ ଧନ୍ୟବାଦ ଦେଇଥିଲେ। ଜନସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଏମ୍‌ଜିଏନଆରଇଜିଏସରେ ବିଲ୍ ମିଳିବାରେ ବିଳମ୍ବ: କାମ କରିବାକୁ ଇଚ୍ଛା କରୁନାହାନ୍ତି ଲୋକେ

ଦାମନଯୋଡି, ୧୪।୩ (ମାନସ ରଞ୍ଜନ କର)

କାମ କରି ବର୍ଷ ବର୍ଷ ଧରି ବିତୁଥିଲେ ମଧ୍ୟ ବିଲ୍ ମିଳୁନାହିଁ। କୋରାପୁଟ ବ୍ଲକର ଏମ୍‌ଜିଏନଆରଇଜିଏସରେ ଚାଲିଥିବା କାର୍ଯ୍ୟରେ ଏପରି ଦେଖିବାକୁ ମିଳିଛି। ଯିଏ ଅର୍ଥ କାରବାର କରୁଛନ୍ତି ତାଙ୍କୁ ବିଲ୍ ମିଳୁଛି ବୋଲି କହିଛନ୍ତି କେତେକ ହିତାଧିକାରୀ। ନ ହେଲେ ବର୍ଷ ବର୍ଷ ଧରି କାମର ବିଲ୍ ପଡି ରହୁଛି। ଫଳରେ ଗ୍ରାମାଞ୍ଚଳରେ ଏମ୍‌ଜିଏନଆଇଜିଏସରେ କାମ କରିବାକୁ ଲୋକେ ଇଚ୍ଛା କରୁନାହାନ୍ତି। ଅଧିକାରୀମାନେ ସରପଞ୍ଚ କିମ୍ବା ଲୋକ ପ୍ରତିନିଧିଙ୍କ କଥା ଶୁଣୁନାହାନ୍ତି। ଏଭଳି ଅଭିଯୋଗ କୋରାପୁଟ ବ୍ଲକର ମାଥାଲପୁଟ ପଞ୍ଚାୟତରୁ ହୋଇଛି। ବ୍ଲକ ପକ୍ଷରୁ ଏହି ପଞ୍ଚାୟତରେ ହୋଇଥିବା ଏମ୍‌ଜିଏନଆଇଜିଏସ କାମ ବାବଦ ଟଙ୍କା ବର୍ଷ ବର୍ଷ ଧରି ପଡିରହୁଛି। ଏ ବିଷୟରେ ବିଡ଼ିଓ ଦେବାଶିଷ ଗୌଡଙ୍କୁ ପଚାରିବାରୁ ସେ କହିଲେ ମୋତେ ନ ପଚାରି ଜେଇଙ୍କୁ ପଚାର। ତେବେ ବ୍ଲକର ଜେଇଙ୍କୁ ପଚାରିଲେ ସେ ଅସହାୟ ପ୍ରକାଶ କରୁଛନ୍ତି। ମୋ ହାତରେ କିଛି ନାହିଁ ବୋଲି କହୁଛନ୍ତି। ଏମ୍‌ଜିଏନଆଇଜିଏସ ଦାୟିତ୍ୱରେ ଥିବା ମୁଖ୍ୟ ଅଧିକାରୀ ସନ୍ତୋଷୀ ମହାପାତ୍ରଙ୍କୁ ପଚାରିବା ଲାଗି ଯୋଗାଯୋଗ କଲେ ତାଙ୍କ ମୋବାଇଲ ସବୁବେଳେ ବନ୍ଦ ରହୁଥିବା ଦେଖିବାକୁ ମିଳୁଛି। ଏପରି କ୍ଷେତ୍ରରେ ହିତାଧିକାରୀମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଅନ୍ୟ ଅଧିକାରୀଙ୍କୁ ପଚାରିଲେ କେନ୍ଦ୍ର ସରକାର ଟଙ୍କା ଦେଉ ନ ଥିବା କହି ବିଭାଗୀୟ ଅଧିକାରୀ ସମୀର ରାଉତଙ୍କୁ ଯୋଗାଯୋଗ କରିବାକୁ ଜଣାଉଛନ୍ତି। ଏପରି କ୍ଷେତ୍ରରେ ସରକାର ଏପରି କାମ କାହିଁକି କରୁଛନ୍ତି ବୋଲି ସରପଞ୍ଚ ରଞ୍ଜିତା ଗୁରୁନା ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷରେ ଗ୍ରାମାଞ୍ଚଳର ବିକାଶ ପାଇଁ କେନ୍ଦ୍ର ସରକାର ପର୍ଯ୍ୟାପ୍ତ ଅର୍ଥ ଦେଉଥିବା ବେଳେ ବ୍ଲକର ଅଧିକାରୀମାନେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଚାଲୁଥିବାରୁ କେନ୍ଦ୍ରୀୟ ଯୋଜନା ଉପରେ ଜାଣିଶୁଣି ଲୋକଙ୍କୁ ହଇରାଣ କରୁଥିବା କୋରାପୁଟ ଜିଲା ଭାଜପା ସମ୍ପାଦକ ଚୈତନ୍ୟ ହନ୍ତାଳ କହିଛନ୍ତି।

# ରୋଟାରି କ୍ଲବର ଜିଲା ଗଭର୍ନରଙ୍କ ଜୟପୁର ଗସ୍ତ



ଜୟପୁର ଗସ୍ତରେ ଆସିଥିବା ଜିଲା ଗଭର୍ନର ।

ଜୟପୁର, ୧୪।୩ (ପବନ ପାଣିଗ୍ରାହୀ)

ରୋଟାରି କ୍ଲବର ଜିଲା ଗଭର୍ନର ଆରଟିଏନ ଜୟଶ୍ରୀ ମହାନ୍ତି ଗୁରୁବାର ଦିନିକିଆ ଜୟପୁର ଗସ୍ତରେ ଆସିଥିଲେ। ରୋଟାରି କ୍ଲବ ଅଫ ଜୟପୁର ପ୍ରାଇଡ ପକ୍ଷରୁ ଏନେଇ ଏକ କାର୍ଯ୍ୟକ୍ରମ ହୋଇଥିଲା। ଗଭର୍ନର ଆରଟିଏନ ମହାନ୍ତି, ରୋଟାରି କ୍ଲବ ଅଫ ଜୟପୁର ପ୍ରାଇଡର ସଭାପତି ଅଶୋକ ମିଶ୍ର ଓ ସମ୍ପାଦକ ସୁରେଶ ପାଣିଗ୍ରାହୀ ଉପସ୍ଥିତ ଥିଲେ। ରୋଟାରି କ୍ଲବ ଅଫ ଜୟପୁର ପ୍ରାଇଡର ବିଭିନ୍ନ ଜନହିତକର କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରତ୍ନାକର ଚୌଧୁରୀ, ପ୍ରଭାକର ଚୌଧୁରୀ, ମୁରଲିଧର ସାବତ, ଜିଭି ରାଓ, ରବି ନାରାୟଣ ନନ୍ଦ, ଆରଟିଏନ ମହାନ୍ତି, ଆରଟିଏନ ତନ୍ମୟ ମହାନ୍ତି,ସଭାପତି ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ସମ୍ପାଦକ ସନ୍ଦିପ ଜାଣ୍ଡ୍ ପ୍ରମୁଖ ଉପସ୍ଥିତ ଥିଲେ।

# ବୈଦ୍ୟୁତିକ ସୁରକ୍ଷା ସଚେତନତା ଶୋଭାଯାତ୍ରା

ଜୟପୁର, ୧୪।୩(ପବନ ପାଣିଗ୍ରାହୀ)

୫୩ତମ ଜାତୀୟ ସୁରକ୍ଷା ଦିବସର ୧୦ମ ଦିନରେ ଟିପିଏସ୍‌ଓଡିଏଲ୍ ପକ୍ଷରୁ ବୁଧବାର ବିଦ୍ୟୁତ୍ ଉପଭୋକ୍ତା ଓ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଏକ ବୈଦ୍ୟୁତିକ ସୁରକ୍ଷା ସଚେତନତା ଶୋଭାଯାତ୍ରା କରାଯାଇଛି। ଏହି ଶୋଭାଯାତ୍ରା ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ବାହାରି ତାରିଣୀ ଛକ ପର୍ଯ୍ୟନ୍ତ ଯାଇଥିଲା। ବିଦ୍ୟୁତ୍ ଉପଭୋକ୍ତା ଓ ଜନସାଧାରଣଙ୍କୁ ଅନେକ ବୈଦ୍ୟୁତିକ ସୁରକ୍ଷା ସମ୍ବନ୍ଧିତ ବାର୍ତ୍ତା ଦିଆଯାଇଥିଲା। ଜୟପୁର ବିଦ୍ୟୁତ୍ ମଣ୍ଡଳର ଜିଆର୍‌ଏଫ୍ ସଭାପତି ଟି.ତପନ ରଶ୍ମି ସୁବୁଦ୍ଧି ସବୁଜ ପତାକା ଦେଖାଇ ଶୋଭାଯାତ୍ରା ଶୁଭାରମ୍ଭ କରିଥିଲେ। ସୁରକ୍ଷା ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ଆଲୋକ କୁମାର ନାୟକ, ସୌମ୍ୟରଞ୍ଜନ ଲେଙ୍କା, ସୁରଜିତ ସ୍ୱାଇଁ ଓ ଜ୍ଞାନରଞ୍ଜନ ରାଉତ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବେଣୁଧର ନାୟକ, ବିଶ୍ୱଜିତ୍ ମେଣ୍ଡୁଲି, ପରିମଳ ପାଲ, ରଞ୍ଜିତ କୁମାର ତାରିଣୀ, ତରଣୀସେନ ମାହାଲି, ଚିତ୍ତରଞ୍ଜନ ବରାଡ, ଅଶୋକ ସ୍ୱାଇଁ, ହିମାଂଶୁ ନାୟକ, ରାଜ୍ କମର, ରୋସନ ସାହୁ, ମୋହର ସାହୁ ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ ।



ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରୁଛି।

# ଅସହାୟ ରୋଗୀ ବିଜୟଙ୍କୁ ସହାୟତା କଲେ ଡମ୍ବରୁ

କୋରାପୁଟ, ୧୪।୩(ଅମିତାଭ ବେହେରା)

ମାଛକୁଣ୍ଡ ଅଞ୍ଚଳର ଜଣେ ଅସହାୟ ରୋଗୀ ବିଜୟ ମାଛଙ୍କୁ ସାହା ହୋଇଛନ୍ତି ସାମାଜିକର୍ମୀ ଡମ୍ବରୁ ନାୟକ। ବିଜୟ ବହୁଦିନ ଧରି ସ୍ନାୟୁ ଓ ମଧୁମେହ ରୋଗରେ ପୀଡିତ ଥିଲେ। ଏନେଇ ସାମାଜିକ କର୍ମୀ ଜାଣିବା ପରେ ବିଜୟଙ୍କୁ ତାଙ୍କ ଘରୁ ଆଣି କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ହସପିଟାଲରେ ଭର୍ତ୍ତି କରିଛନ୍ତି। ସ୍ନାୟୁଜନିତ ରୋଗରେ ଆକ୍ରାନ୍ତ ହୋଇ ବିଜୟଙ୍କ ୨ଟିଯାକ ଗୋଡ ଅଚଳ ହୋଇପଡିଛି। ତାଙ୍କୁ ମେଡ଼ିସିନ ୱାର୍ଡରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି। ଉନ୍ନତ ଚିକିତ୍ସା ସେବା ଯୋଗାଇ ଦେବାକୁ ସେ ମେଡିକାଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିବା ଡମ୍ବରୁ କହିଛନ୍ତି।

# ୧୦ ଇଞ୍ଜେକ୍ସନ ଦେଇ ବଳପୂର୍ବକ ଗର୍ଭପାତ

## ପୀଡ଼ିତାଙ୍କ ଶ୍ୱଶୁର, ଗର୍ଭପାତ କରାଇଥିବା କ୍ୱାକ ଗିରଫ

ରାଇଘର, ୧୪।୩(କିରଣ ପଟ୍ଟନାୟକ)

ନବରଙ୍ଗପୁର ଜିଲା ରାଇଘର ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବଳପୂର୍ବକ ଗର୍ଭପାତ କରାଇବା ଅଭିଯୋଗ ହୋଇଛି। ପୋଲିସ ପୀଡ଼ିତାଙ୍କ ଶ୍ୱଶୁର ସାଗଲାଲ ଗଣ୍ଡ ଏବଂ ଗର୍ଭପାତ କରାଇଥିବା କ୍ୱାକ ମିହିର ରାୟଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ପିଡ଼ିତାଙ୍କ ସ୍ୱାମୀ ଏବେ ଫେରାର ଅଛନ୍ତି।

ଏତଲାନୁଯାୟୀ, ଧଡ୍ରା ସିମଡ଼ା ଗ୍ରାମ ନିବାସୀ ସାଗଲାଲ ଗଣ୍ଡଙ୍କ ସାନ ପୁଅ ମେହେତାବଙ୍କର ପୀଡ଼ିତାଙ୍କ ସହ ପ୍ରେମ ସମ୍ପର୍କ ଥିଲା। ଉଭୟ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇ ସେଠାରେ ବିବାହ କରିଥିଲେ। ଏହା ମଧ୍ୟରେ ପୀଡ଼ିତା ଗର୍ଭବତୀ ହୋଇଥିଲେ। ଏହାର ୭ମାସ ପରେ ଉଭୟ ମେହେତାବଙ୍କ ଘରକୁ ଫେରିଆସିଥିଲେ। ମେହେତାବ କିଛିଦିନ ପରେ ପୁଣି କାମ କରିବାକୁ ବାହାରକୁ ଚାଲିଯାଇଥିଲେ। ଏହାପରେ ପୀଡ଼ିତାଙ୍କ ଶ୍ୱଶୁର, ଶାଶୁ ଓ ଦେଢ଼ଶୁର ତାଙ୍କୁ କ୍ୱାକ ମିହିର ରାୟଙ୍କ ଘର ପରଚିପାରକୁ ନେଇଯାଇଥିଲେ। କ୍ୱାକ୍ ତାଙ୍କୁ ଗୋଟିଏ ପରେ ଗୋଟିଏ ପ୍ରାୟ ୧୦ଟି ଇଞ୍ଜେକ୍‌ସନ ଦେଇଥିଲେ। ଏହାପରେ ବଳପୂର୍ବକ ତାଙ୍କ ଗର୍ଭପାତ କରାଯାଇଥିଲା। ୨ଦିନ ସେଠାରେ ରହିବା ପରେ ପୀଡ଼ିତାଙ୍କ ଶାଶୁଘର ଲୋକେ ତାଙ୍କୁ ଘରକୁ ଫେରାଇ ଆଣିଥିଲେ। ପିଲା ସମ୍ପର୍କରେ ପଚାରିବାରୁ ମଲା ପିଲା ଜନ୍ମ ହୋଇଛି କହି ଶାଶୁ ମାଡ଼ ମାରୁଥିବା ଏତଲାରେ ଉଲ୍ଲେଖ ରହିଛି। ନିଜ ଶିଶୁକୁ ସେ ଦେଖି ପାରି ନ ଥିବାରୁ ପାଗଳ ପ୍ରାୟ ହୋଇ ନିଜ ବାପାଙ୍କୁ ଖବର ଦେଇଥିଲେ। ପୀଡ଼ିତାଙ୍କ ବାପଘର ଲୋକେ ଖବରପାଇ ତାଙ୍କୁ ଘରକୁ ନେଇଯାଇଥିଲେ। ପୀଡ଼ିତା ତାଙ୍କ ବାପା, ନିଜ ଗାଁର ଭଦ୍ରଲୋକ, ମାନବାଧିକାର ସହାୟତା ସଂଘ ଓଡ଼ିଶା ଅଧ୍ୟକ୍ଷ ତଥା କନ୍ୟା ସୁରକ୍ଷା ସଂଗଠନର ପ୍ରଭଞ୍ଜନ ତ୍ରିପାଠୀ, ମାନବାଧିକାର ସହାୟତା ସଙ୍ଘ ସମ୍ପାଦକ ଲାଲୁ କର୍କରା, ଉମରକୋଟ ଶାଖା ଅଧ୍ୟକ୍ଷ ହରିହର ଶତପଥୀଙ୍କ ସହ ମିଶି ଗତ ୧୦ ତାରିଖରେ ରାଇଘର ଥାନାର ଦ୍ୱାରସ୍ଥ ହୋଇଥିଲେ। ମେହେତାବ ଗଣ୍ଡ, ଶଶୁର ସଗାଲାଲ ଗଣ୍ଡ, କ୍ୱାକ୍ ମିହିର ରାୟଙ୍କ ବିରୋଧରେ ଥାନାରେ ଏତଲା ଦିଆଯାଇଛି। ଥାନାଧିକାରୀ ରଘୁନାଥ ମାଝି ୮୫/୨୪ରେ ମାମଲା ରୁଜୁ କରିଥିଲେ। ସେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଇ ଥିବାବେଳେ ମନୋଜ କୁମାର ବେହେରା ଘଟଣାର ତଦନ୍ତ କରୁଛନ୍ତି।



କଳିଙ୍ଗ ଷ୍ଟାଡିୟମରେ ଗୁରୁବାର ଓଡ଼ିଶା ଏଫ୍‌ସି ଓ ସେଣ୍ଟ୍ରାଲ କୋଷ୍ଟ ମାରିନର୍ସ ମଧ୍ୟରେ ଅନୁଷ୍ଠିତ ଏଏଫ୍‌ସି କପ୍ ଫୁଟ୍‌ବଲ ଇଣ୍ଟର–ଜୋନାଲ ସେମିଫାଇନାଲ୍ସ ମ୍ୟାଚ। (ଫଟୋ: ବିକାଶ ନାୟକ)।

# ମ୍ୟାଚ ଡ୍ର ରଖିଲା ଓଡ଼ିଶା ଏଫ୍‌ସି

ଭୁବନେଶ୍ୱର, ୧୪।୩
(ତପନ ସ୍ୱାଇଁ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଗୁରୁବାର ଓଡ଼ିଶା ଏଫ୍‌ସି ଓ ଅଷ୍ଟ୍ରେଲିଆର ସେଣ୍ଟ୍ରାଲ କୋଷ୍ଟ ମାରିନର୍ସ ମଧ୍ୟରେ ଅନୁଷ୍ଠିତ ଏଏଫ୍‌ସି କପ୍ ଫୁଟବଲ ଇଣ୍ଟର–ଜୋନାଲ ସେମିଫାଇନାଲ୍ସର ଦ୍ୱିତୀୟ ଚରଣ ମ୍ୟାଚ ଗୋଲଶୂନ୍ୟ ଡ୍ର ରହିଛି। ଫଳରେ ପ୍ରତିଯୋଗିତାରୁ ଓଡ଼ିଶା ଏଫ୍‌ସିର ଅଭିଯାନ ଶେଷ ହୋଇଛି। ମାର୍ଚ୍ଚ ୭ରେ ନ୍ୟୁ ସାଉଥ୍ ୱେଲ୍ସର ସେଣ୍ଟ୍ରାଲ କୋଷ୍ଟ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ ଚରଣ ମ୍ୟାଚରେ ସେଣ୍ଟ୍ରାଲ କୋଷ୍ଟ ମାରିନର୍ସ ୪–୦ ଗୋଲରେ ଓଡ଼ିଶା ଏଫ୍‌ସିକୁ ପରାସ୍ତ କରିଥିଲା। ଫଳରେ ୨ଟି ମ୍ୟାଚ ପରେ ଏଗ୍ରିଗେଟରେ ୪–୦ରେ ଅଗ୍ରଣୀ ରହି ସେଣ୍ଟ୍ରାଲ କୋଷ୍ଟ ମାରିନର୍ସ ଆନ୍ତଃ–ଜୋନ ପ୍ଲେ–ଅଫ୍ ଫାଇନାଲ୍ସରେ ପ୍ରବେଶ କରିଛି। ଫାଇନାଲ୍ସରେ ପ୍ରବେଶ କରିବାକୁ ହେଲେ ଓଡ଼ିଶା ଏଫ୍‌ସିକୁ ଏଠାରେ ଅତିକମ୍‌ରେ ୫ ଗୋଲ ବ୍ୟବଧାନରେ ବିଜୟ ଆବଶ୍ୟକ ହେଉଥିଲା। ପ୍ରଥମ ମ୍ୟାଚରେ ଶକ୍ତିଶାଳୀ ମାରିନର୍ସ ନିକଟରୁ ପରାଜିତ ହୋଇଥିଲେ ହେଁ ଘରୋଇ ପରିବେଶରେ ଓଡ଼ିଶା ଏଫ୍‌ସି କଡ଼ା ଚ୍ୟାଲେଞ୍ଜ ଦେଇଥିଲା। ତେବେ ଉଭୟ ଦଳର ଖେଳାଳି ଏକାଧିକ ସୁଯୋଗ ସୃଷ୍ଟି କରିଥିଲେ ହେଁ ଗୋଲ ଦେଇପାରି ନ ଥିଲେ। ମ୍ୟାଚର ୨୮ତମ ମିନିଟରେ ମାରିନର୍ସ ପାଇଁ ଅଗ୍ରଣୀ ନେବାର ସୁବର୍ଣ୍ଣ ସୁଯୋଗ ଆସିଥିଲା। ବକ୍ସ ଏରିଆରେ ଏଡମଣ୍ଡସନଙ୍କୁ ଡେଲଗାଡୋ ତଳେ ପକାଇ ଦେବାରୁ ମାରିନର୍ସ ଦଳକୁ ପେନାଲ୍ଟି ସୁଯୋଗ ମିଳିଥିଲା। ମାତ୍ର ମାଇକେଲ ଡୋକା ମାରିଥିବା ଶଟ୍ ପୋଷ୍ଟରେ ବାଜି ଫେରି ଆସିଥିଲା। ଏଠାରେ ଓଡ଼ିଶା ଏଫ୍‌ସି ଖେଳାଳିଙ୍କ ପ୍ରଦର୍ଶନ ପ୍ରଶଂସନୀୟ ରହିଥିଲା। ପ୍ରଥମାର୍ଦ୍ଧ ଶେଷରେ ଏକ ନିଷ୍ପତ୍ତିକୁ କେନ୍ଦ୍ର କରି ଉଭୟ ଦଳର ଖେଳାଳି ମୁହାଁମୁହିଁ ହେବାରୁ ଉତ୍ତେଜନା ପରିସ୍ଥିତି ଉପୁଜିଥିଲା। ମାତ୍ର ଅଫିସିଆଲଙ୍କ ହସ୍ତକ୍ଷେପ ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ସେଣ୍ଟ୍ରାଲ କୋଷ୍ଟ ମାରିନର୍ସ ଓ କିର୍ଗିଜସ୍ତାନର ଆବଡିଶ–ଆଟା କାଣ୍ଟ ମଧ୍ୟରେ ଆନ୍ତଃ–ଜୋନ ପ୍ଲେ–ଅଫ୍ ଫାଇନାଲ୍ସ ଅନୁଷ୍ଠିତ ହେବ।



ଏକ ନିଷ୍ପତ୍ତିକୁ କେନ୍ଦ୍ରକରି ଦୁଇ ଦଳର ଖେଳାଳିଙ୍କ ମଧ୍ୟରେ ମୁହାମୁହିଁ ପରିସ୍ଥିତି।

**ଏଏଫ୍‌ସି କପ୍**

**ଆନ୍ତଃ–ଜୋନ୍ ପ୍ଲେ-ଅଫ୍ ଫାଇନାଲ୍ସରେ ସେଣ୍ଟ୍ରାଲ କୋଷ୍ଟ ମାରିନର୍ସ**

# ୨୬୯ ପଦକ ପାଇଁ ଅର୍ଥରାଶି ପୁରସ୍କାର

**୨୦ କ୍ରୀଡ଼ା ବର୍ଗରେ କ୍ରୀଡ଼ାବିତ୍‌ଙ୍କୁ ୫୬ ଲକ୍ଷ ୯୩ ହଜାର ଟଙ୍କା ପ୍ରଦାନ**

ଭୁବନେଶ୍ୱର, ୧୪।୩
(ତପନ ସ୍ୱାଇଁ)

ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଗୁରୁବାର ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ାରେ ପଦକ ହାସଲ କରିଥିବା କ୍ରୀଡ଼ାବିତଙ୍କୁ ଅର୍ଥରାଶିରେ ପୁରସ୍କୃତ କରାଯାଇଛି। ୨୬୯ ପଦକ ପାଇଁ କୋଡ଼ିଏ କ୍ରୀଡ଼ାବିତଙ୍କୁ ମୋଟ ୫୬ ଲକ୍ଷ ୯୩ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି । କଳିଙ୍ଗ ଷ୍ଟାଡ଼ିୟମ ସ୍ଥିତ ଟେନିସ ସେଣ୍ଟର ଅଡ଼ିଟୋରିୟମ୍ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶା ହକି ପ୍ରମୋଶନ କାଉନସିଲ ଅଧ୍ୟକ୍ଷ ଦିଲ୍ଲୀପ ତିର୍କୀ କ୍ରୀଡ଼ାବିତ ମାନଙ୍କୁ ଅର୍ଥରାଶି ପ୍ରଦାନ କରିଥିଲେ। ଆଥଲେଟିକ୍ସ, ସୁଇମିଂ, ରଗବୀ, ହକି, ବ୍ୟାଡ଼ମିଣ୍ଟନ, ଟେନିସ, ଭାରୋତ୍ତୋଳନ, ଭଲିବଲ, ବିଚ ଭଲିବଲ, ଶୁଟିଂ, ଯୋଗାସନ ଏବଂ କରାଟେ ଆଦି ମୋଟ ୨୦ଟି ବର୍ଗରେ ଜାତୀୟ ଏବଂ ଅନ୍ତର୍ଜାତୀୟ କ୍ରୀଡ଼ାରେ ପଦକ ହାସଲ କରିଥିବା କ୍ରୀଡ଼ାବିତଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରୀଡ଼ାବିତଙ୍କ ମଧ୍ୟରେ ପ୍ରତ୍ୟାଶା ରାୟ ଖେଲୋ ଇଣ୍ଡିଆ ୟୁନିଭରସିଟି ଗେମ ଏବଂ ଅଲ ଇଣ୍ଡିଆ ଇଣ୍ଟର ୟୁନିଭରସିଟି ଚାମ୍ପିୟନଶିପ୍‌ରେ ସର୍ବାଧିକ ୧୨ଟି ପଦକ ହାସଲ କରି ମୋଟ ୩ଲକ୍ଷ ୮୨ ହଜାର ଟଙ୍କାର ଅର୍ଥରାଶି ପାଇଛନ୍ତି।

ଏଠାରେ ସୂଚନା ଯୋଗ୍ୟ କି ରାଜ୍ୟ ସରକାର କ୍ରୀଡ଼ା ଓ କ୍ରୀଡ଼ାବିତଙ୍କ ଉନ୍ନତି ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ବିଭିନ୍ନ କ୍ରୀଡ଼ାରେ ପଦକ ବିଜେତାଙ୍କୁ ଅର୍ଥରାଶି ପ୍ରଦାନର ଏହା ଏକ ଅଂଶ ବିଶେଷ। ୫–ଟି ମନ୍ତ୍ରର ସଠିକ ଅନୁପାଳନ ସହ ପଦକ ବିଜେତାଙ୍କୁ ତତ୍‌କ୍ଷଣାତ ଅର୍ଥ ପୁରସ୍କାର ପ୍ରଦାନକୁ କ୍ରୀଡ଼ା ଓ ଯୁବସେବା ବିଭାଗ ପାଳନ କରି ଆସିଛି। ପୁରସ୍କାର ବିତରଣ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, ଓଡ଼ିଶା ହକି ପ୍ରମୋଶନ କାଉନସିଲ ସିଇଓ ଦୀପଙ୍କର ମହାପାତ୍ର ଏବଂ ଓଏସଡି ସିଦ୍ଧାର୍ଥ ଶଙ୍କର ସାହୁଙ୍କ ସମେତ ବିଭାଗୀୟ ଅଧିକାରୀ, କୋଚ ଏବଂ କ୍ରୀଡ଼ାବିତ ମାନେ ଉପସ୍ଥିତ ଥିଲେ।




ଆର୍ଥିକ ପ୍ରୋତ୍ସାହନ ଲାଭ କରିଥିବା କୃତୀ କ୍ରୀଡ଼ାବିତ୍‌ମାନେ ଅତିଥିଙ୍କ ଗହଣରେ।

# ଭାରତ ବିଜୟୀ

**ନୂଆଦିଲ୍ଲୀ, ୧୪।୩:** କ୍ରିକେଟ ଆସୋସିଏଶନ ଫର୍ ଦି ବ୍ଲାଇଣ୍ଡ ଇନ୍ ଇଣ୍ଡିଆ ଓ ହୁଣ୍ଡାଇ ମୋଟର ଇଣ୍ଡିଆ ଫାଉଣ୍ଡେଶନ (ଏଚଏମ୍‌ଆଇଏଫ୍)ର ସମର୍ଥନମ୍ ଟ୍ରଷ୍ଟ ଫର ଦି ଡିଜାବଲ୍‌ଡ ଆନୁକୂଲ୍ୟରେ ଚାଲିଥିବା ଟି୨୦ କ୍ରିକେଟ ସିରିଜର ଚତୁର୍ଥ ମ୍ୟାଚରେ ଗୁରୁବାର ଭାରତ ୮ଉଇକେଟରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଏଥିସହିତ ଦଳ ୫ ମ୍ୟାଚ ବିଶିଷ୍ଟ ସିରିଜରେ ୪–୦ରେ ଅଗ୍ରଣୀ ରହିଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ବିନିମୟରେ ୧୪୨ ରନ କରିଥିଲା। ଭାରତ ୪୦ ବଲ୍ ବାକିଥାଇ ମାତ୍ର ୨ ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ମାଗୁଣ୍ଟା ୪୨ବଲ୍‌ରୁ ୫୦ ରନ କରିଥିବା ବେଳେ ଦେବରାଜ ୨୯ ବଲ୍‌ରୁ ୫୪ ରନ କରିଥିଲେ।

**ଜାତୀୟ ସିନିୟର ମହିଳା ହ୍ୟାଣ୍ଡବଲ**

# ଓଡ଼ିଶା ଦଳ ଘୋଷିତ

ଭୁବନେଶ୍ୱର, ୧୪।୩
(ତପନ ସ୍ୱାଇଁ)

ଜାତୀୟ ସିନିୟର ମହିଳା ହ୍ୟାଣ୍ଡବଲ ପ୍ରତିଯୋଗିତାର ୫୨ତମ ସଂସ୍କରଣ ଦାଦ୍ରା ଓ ନଗର ହାବେଳିରେ ଚଳିତ ମାସ ୧୬ରୁ ୨୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ଗୁରୁବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ରାଜ ରାଜେଶ୍ୱରୀ ରାଉତ, ମୋନାଲିସା ନାୟକ, ପରିଜାନ ସାହୁ, ସୁଶୀଳା ମାଝି, ଗଙ୍ଗା ସାମନ୍ତ, ଅତୀକ୍ଷା ପ୍ରିୟଦର୍ଶିନୀ ପରିଡ଼ା, ଆକାଂକ୍ଷା ମିଶ୍ର, ଲୋମା ଦାସ, ଟ୍ୱିଙ୍କିଲ ପ୍ରଧାନ, ଅପର୍ଣ୍ଣା ଦାସ, ଶୁଭଶ୍ରୀ ସ୍ୱାଇଁ, ମୋନାଲିସା ଦଳେଇ, ମଧୁଶ୍ରୀ ନାୟକ, ରଶ୍ମୀପ୍ରିୟା ବାରିକ, ଲକ୍ଷ୍ମୀପ୍ରୀୟା ଦାସ ଓ ସ୍ୱର୍ଣ୍ଣଲତା ବୀରେନ୍ଦ୍ର। ଦଳ ସହ କୋଚ୍ ମନୋଜ କୁମାର ନିଶଙ୍କ ଓ ମ୍ୟାନେଜର ନିହାରିକା ପଣ୍ଡା ଯାତ୍ରା କରିଛନ୍ତି। ଖେଳାଳିମାନଙ୍କୁ ଓଡ଼ିଶା ରାଜ୍ୟ ହ୍ୟାଣ୍ଡବଲ ସଂଘ ସମ୍ପାଦକ ବୀରେନ୍ଦ୍ର ବେହେରା, ସଭାପତି ଗୋପୀନାଥ ସାହୁ, କୋଷାଧ୍ୟକ୍ଷ ଉପେନ୍ଦ୍ର ନାଥ ଦାସ, ଉପସଭାପତି ପ୍ରେମାନନ୍ଦ ବିହାରୀ ଓ ଯଶୋବନ୍ତ ପରମଗୁରୁ ଶୁଭେଚ୍ଛା ଜଣାଇଛନ୍ତି।



ଜାତୀୟ ସିନିୟର ମହିଳା ହ୍ୟାଣ୍ଡବଲ ପାଇଁ ମନୋନୀତ ଓଡ଼ିଶା ଦଳ।

# ମୁମ୍ବାଇକୁ ୪୨ତମ ରଣଜୀ ଟାଇଟଲ

ମୁମ୍ବାଇ, ୧୪।୩ (ପି.ଟି.)

ବିଦର୍ଭକୁ ଫାଇନାଲରେ ୧୬୯ ରନରେ ପରାସ୍ତ କରି ମୁମ୍ବାଇ କ୍ରିକେଟ ଦଳ ୮ ସିଜନ ପରେ ପୁଣି ରଣଜୀ ଟ୍ରଫି ହାସଲ କରିଛି। ଟୁର୍ନାମେଣ୍ଟର ୯୦ ବର୍ଷ ଇତିହାସରେ ମୁମ୍ବାଇ ଦଳ ୪୮ ଥର ଫାଇନାଲରେ ପ୍ରବେଶ କରିପାରିଛି। ଦଳର ଏହା ହେଉଛି ୪୨ତମ ରଣଜୀ ଟାଇଟଲ। ସ୍ଥାନୀୟ ଆଇକନିକ ୱାଙ୍ଖଡେ ଷ୍ଟାଡିୟମରେ ଘରୋଇ ଦଳ ଭ୍ରମଣକାରୀ ଦଳ ବିପକ୍ଷରେ ୫୩୮ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଗୁରୁବାର ସକାଳେ ପୂର୍ବଦିନର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୨୪୮/୫ରୁ ଖେଳ ଆରମ୍ଭ କରିଥିଲା ବିଦର୍ଭ। ଅଧିନାୟକ ଅକ୍ଷୟ ୱାଦକର (୧୦୨) ଓ ହର୍ଷ ଦୁବେ (୬୫) ଚମତ୍କାର ବ୍ୟାଟିଂ କରି ବିଦର୍ଭ ସ୍ଥିତିରେ ସୁଧାର ଆଣିଥିଲେ। ତେବେ ଦଳ ୩୬୮ ରନରେ ଅଲଆଉଟ ହୋଇଯାଇଥିଲା। ବିଦର୍ଭ ସେତେବେଳେ ବିଜୟ ପାଇଁ ଆହୁରି ୨୯୦ରନ ଆବଶ୍ୟକ କରୁଥିଲା। ଲଢୁଆ ବ୍ୟାଟିଂ କରିଥିବା ୱାଡକର ବର୍ଷରେ ତାଙ୍କର ପ୍ରଥମ ଶତକ ହାସଲ କରିଥିଲେ। ଚଳିତ ସିଜନରେ ତାଙ୍କ ରନ ସଂଖ୍ୟା ୬୦୦ ଅତିକ୍ରମ କରିଯାଇଥିଲା। ଅନ୍ୟପକ୍ଷରେ ଦୁବେ ପ୍ରଥମ ଶ୍ରେଣୀ କ୍ୟାରିୟରରେ ତାଙ୍କର ଦ୍ୱିତୀୟ ଅର୍ଦ୍ଧଶତକ ହାସଲ କରିଥିଲେ। ଦୁଇ ବ୍ୟାଟର ଦୀର୍ଘ ସମୟ ଧରି କ୍ରିଜ୍‌ରେ ଜମି ରହିଥିଲେ। ସେମାନେ କ୍ରିଜ୍‌ରେ ୧୯୪ ମିନିଟ ଅବସ୍ଥାନ କରି ୨୫୫ ବଲ୍‌ର ସାମ୍ନା କରିଥିଲେ। ଅନ୍ତିମ ଦିବସ ଖେଳର ଦ୍ୱିତୀୟ ସେସନ ଖେଳ ଆରମ୍ଭର କିଛି ସମୟ ପରେ ତନୁଶ କୋଟିଆନ୍ (୪/୯୫) ୱାଦକରଙ୍କୁ ଲେଗ୍ ବିଫୋର କରି ଏହି ଯୋଡ଼ିକୁ ଭାଙ୍ଗି ଦେଇଥିଲେ। ଭ୍ରମଣକାରୀ ଦଳ ଦୁଇ ଥର ଟାଇଟଲ ଜିତିସାରିବା ପରେ ତୃତୀୟ ଥର ଫାଇନାଲରେ ପରାଜିତ ହୋଇଛି। ପରେ ତୁଷାର ଦେଶପାଣ୍ଡେଙ୍କ ଶର୍ଟ ବଲ୍‌ରେ ଦୁବେ (୧୨୮ ବଲ୍‌ରୁ ୬୫ରନ, ୫ ଚୌକା ଓ ୨ ଛକା) ଓ ଆଦିତ୍ୟ ସରାୱତେ ଶିକାର ହୋଇଥିଲେ। ପିଠିରେ ଯନ୍ତ୍ରଣା ଯୋଗୁ ସରାୱତେ ମ୍ୟାଚର ଅଧିକାଂଶ ସମୟ ଅନୁପସ୍ଥିତ ଥିଲେ। ଅନ୍ୟପକ୍ଷରେ କୋଟିଆନଙ୍କ ଚତୁର୍ଥ ଶିକାର ହୋଇଥିଲେ ଯଶ ଠାକୁର (୬)। ମ୍ୟାଚର ଶେଷ ଉଇକେଟ ଅକ୍ଷିଆର କରିଥିଲେ ଧାୱଲ କୁଲକର୍ଣ୍ଣୀ। ସେ ଉମେଶ ଯାଦବ (୬)ଙ୍କୁ ବୋଲ୍ଡ କରିଦେଇଥିଲେ। କୁଲକର୍ଣ୍ଣୀଙ୍କର ଏହା ଥିଲା ଅନ୍ତିମ ମ୍ୟାଚ। ଏଥିସହିତ କ୍ରିକେଟର ସମସ୍ତ ଫର୍ମାଟରୁ ସେ ତାଙ୍କର ଅବସର ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ: ୨୨୪ ଓ ୪୧୮। ବିଦର୍ଭ: ୧୦୫ ଓ ୧୩୪.୪ ଓଭରରେ ୩୬୮(ଅଥର୍ବ ଟାଇଡେ–୩୨, ଅମନ ମୋଖାଡେ–୩୨, କରୁଣ ନାୟାର–୭୪, ଅକ୍ଷୟ ୱାଦକର–୧୦୨, ହର୍ଷ ଦୁବେ–୬୫; ତନୁଷ କୋଟିଆନ–୪/୯୫, ମୁଶିର ଖାନ୍–୨/୪୮, ତୁଷାର ଦେଶପାଣ୍ଡେ–୨/୫୩)।

**ଅତିରିକ୍ତ ୫କୋଟି ଟଙ୍କା**

ମୁମ୍ବାଇ କ୍ରିକେଟ ଆସୋସିଏଶନ (ଏମ୍‌ସିଏ) ଏହାର ପୁରସ୍କାର ରାଶିକୁ ଦ୍ୱିଗୁଣିତ କରିଛି। ଫଳରେ ୪୨ ଥର ରଣଜୀ ଟ୍ରଫି ଟାଇଟଲ ହାସଲ କରିଥିବା ମୁମ୍ବାଇ ଦଳ ଅତିରିକ୍ତ ୫ କୋଟି ଟଙ୍କା ପୁରସ୍କାର ପାଇବ। ଏମ୍‌ସିଏ ସଭାପତି ଆମୋଲ କାଲେ ଏବଂ ଆପେକ୍ସ କାଉନ୍‌ସିଲ ରଣଜୀ ଟ୍ରଫି ପୁରସ୍କାରକୁ ଦ୍ୱିଗୁଣିତ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି। ତେଣୁ ବିଜୟୀ ମୁମ୍ବାଇ ରଣଜୀ ଟ୍ରଫି ଦଳକୁ ଅତିରିକ୍ତ ୫ କୋଟି ଟଙ୍କା ମିଳିବ ବୋଲି ଏମ୍‌ସିଏ ସମ୍ପାଦକ ଅଜିଙ୍କ୍ୟ ନାଏକ ପ୍ରକାଶ କରିଛନ୍ତି। ଏମ୍‌ସିଏ ପାଇଁ ଏହା ହେଉଛି ଏକ ମହାନ୍ ବର୍ଷ। କାରଣ ଆସୋସିଏଶନ ୭ ଟାଇଟଲ ହାସଲ କରିଥିବା ବେଳେ ସମସ୍ତ ବୟସ ବର୍ଗ ବିସିସିଆଇ ଟୁର୍ନାମେଣ୍ଟରେ ଆମେ ନକ୍‌ଆଉଟ ପର୍ଯ୍ୟାୟକୁ ଉନ୍ନୀତ ହୋଇପାରିଛୁ ବୋଲି ସେ କହିଛନ୍ତି।



ରଣଜୀ ଟ୍ରଫି ବିଜୟ ପରେ ଉଲ୍ଲସିତ ମୁମ୍ବାଇ ଦଳ।

# ଭିଜି ଟ୍ରଫି: ନର୍ଥକୁ ହରାଇଲା ଇଷ୍ଟ ଜୋନ୍

ଭୁବନେଶ୍ୱର, ୧୪।୩
(ତପନ ସ୍ୱାଇଁ)

ଆସାମରେ ଚାଲିଥିବା ବିସିସିଆଇ ଭିଜି ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ଅନୁଷ୍ଠିତ ଲିଗ୍ ମ୍ୟାଚରେ ଇଷ୍ଟ ଜୋନ୍ ୧ ଉଇକେଟରେ ଗତଥରର ଚାମ୍ପିୟନ ନର୍ଥ ଜୋନ୍‌କୁ ପରାସ୍ତ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା ନର୍ଥ ଜୋନ୍ ୪୩.୫ ଓଭରରେ ୧୮୩ ରନକରି ଅଲ୍‌ଆଉଟ ହୋଇଥିଲା। ଇଷ୍ଟ ଜୋନ୍ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା କିଟ୍ ବିଶ୍ୱବିଦ୍ୟାଳୟର ଶିବାଶିଷ ସାହୁ ୪ଟି ଓ ପାର୍ଥ ସାରଥି ନାୟକ ୨ଟି ଉଇକେଟ ନେଇଥିଲେ। ୧୮୪ ରନ ବିଜୟ ଲକ୍ଷ୍ୟକୁ ଇଷ୍ଟ ଜୋନ୍ ୪୭.୨ ଓଭରରେ ୯ ଉଇକେଟ ହରାଇ ହାସଲ କରି ନେଇଥିଲା। ଗୁଆହାଟୀ ବିଶ୍ୱବିଦ୍ୟାଳୟର ଗୌରବ ସାଇକିଆ ସର୍ବାଧିକ ୫୨ ରନ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟର ସୁଜାଲ ସିଂ ୩୭ ଓ ଶ୍ରେଷ୍ଠ ସିଂ ୩୬ ରନ କରିଥିଲେ।

# ଭାରତୀୟ ବକ୍ସିଂ ହାଇପରଫର୍ମାନ୍ସ ଡାଇରେକ୍ଟରଙ୍କ ଇସ୍ତଫା

**ନୂଆଦିଲ୍ଲୀ, ୧୪।୩ (ପି.ଟି.):** ପ୍ୟାରିସ ଗେମ୍ସ ଆଉ ୪ମାସ ବାକି ଥିବାବେଳେ ଭାରତୀୟ ବକ୍ସିଂର ହାଇପରଫର୍ମାନ୍ସ ଡାଇରେକ୍ଟର ବର୍ନାଡ ଡ୍ୟୁନ୍ ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି। ନିକଟରେ ଅଲିମ୍ପିକ କ୍ୱାଲିଫାୟର୍ସ ଇଭେଣ୍ଟଗୁଡ଼ିକରେ ନୈରାଶ୍ୟଜନକ ପ୍ରଦର୍ଶନ ଯୋଗୁ ସେ ଏହି ନିଷ୍ପତ୍ତି ନେଇଥିବା କୁହାଯାଉଛି। ବିଦେଶୀ କୋଚ୍ ଦିମିତ୍ରୀ ଦିମିତ୍ରୁଙ୍କୁ ଖୁବ୍‌ଶୀଘ୍ର ବିଦା କରାଯାଇପାରେ ବୋଲି ଅନୁମାନ କରାଯାଉଛି। ଫଳରେ କୋଚିଂ ସଙ୍କଟ ଦେଖାଦେଇପାରେ। ଡ୍ୟୁନ୍ ହେଉଛନ୍ତି ଜଣେ ପୂର୍ବତନ ଇରିଶ ପ୍ରଫେସନାଲ ବକ୍ସର। ୨୦୨୨ ଅକ୍ଟୋବରରେ ସେ ହାଇପରପର୍ମାନ୍ସ ଡାଇରେକ୍ଟର ଭାବେ ନିଯୁକ୍ତି ପାଇଥିଲେ। ସେ ଇଟାଲୀରୁ ତାଙ୍କ ଇସ୍ତଫାପତ୍ର ପଠାଇ ଦେଇଛନ୍ତି, ଯେଉଁଠାରେ ସେ ୱାର୍ଲ୍ଡ ଅଲିମ୍ପିକ ବକ୍ସିଂ କ୍ୱାଲିଫାୟର୍ସ ପାଇଁ ଭାରତୀୟ ଦଳ ସହ ଥିଲେ। ଏସିଆନ ଗେମ୍ସ ଏବଂ ପ୍ରଥମ ୱାର୍ଲ୍ଡ ଅଲିମ୍ପିକ ବକ୍ସିଂ କ୍ୱାଲିଫାୟର୍ସରେ ଜଣେ ହେଲେ ଭାରତୀୟ ପୁରୁଷ ବକ୍ସର ଅଲିମ୍ପିକ୍ସ ପାଇଁ ସ୍ଥାନ ପକ୍କା କରିପାରି ନାହାନ୍ତି। ପରିସ୍ଥିତିର ଅନୁଧ୍ୟାନ କରିବା ପାଇଁ ବକ୍ସିଂ ଫେଡେରେଶନ ଅଫ୍ ଇଣ୍ଡିଆ(ବିଏଫ୍ଆଇ) ଶୁକ୍ରବାର ଏକ କାର୍ଯ୍ୟନିର୍ବାହୀ ବୈଠକ ଡକାଇଛି। ଏଥିରେ ଦିମିତ୍ରିଙ୍କ ଭବିଷ୍ୟତ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ବିଏଫ୍ଆଇ ସେକ୍ରେଟାରୀ ଜେନେରାଲ ହେମନ୍ତ କାଲିଟା ପ୍ରକାଶ କରିଛନ୍ତି।

# ପଦାର୍ପଣ କଲେ ରତପର୍ଣ୍ଣା–ଶ୍ୱେତପର୍ଣ୍ଣା

**ଅଲ୍ ଇଂଲଣ୍ଡ ଓପନ ବ୍ୟାଡ୍‌ମିଣ୍ଟନ**

ଭୁବନେଶ୍ୱର, ୧୪।୩
(ତପନ ସ୍ୱାଇଁ)

ଓଡ଼ିଶା କ୍ରୀଡ଼ା ଇତିହାସରେ ଏକ ନୂଆ ଫର୍ଦ୍ଦ ଯୋଡ଼ିଛନ୍ତି ପଣ୍ଡା ଭଗିନୀ ରତପର୍ଣ୍ଣା ଓ ଶ୍ୱେତପର୍ଣ୍ଣା। ପ୍ରଥମ ମହିଳା ଓଡ଼ିଆ ଯୋଡ଼ିଭାବେ ଦୁହେଁ ସମ୍ମାନଜନକ ଅଲ୍ ଇଂଲଣ୍ଡ ଓପନ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିଛନ୍ତି। କଟକର ରତପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୫୧ତମ ସ୍ଥାନରେ ଥିବାରୁ ପ୍ରତିଯୋଗିତାର ମହିଳା ଡବଲ୍ସରେ ଖେଳିବା ସୁଯୋଗ ପାଇଥିଲେ। ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଏହି ଓଡ଼ିଶା ଯୋଡ଼ି କିନ୍ତୁ ପ୍ରଥମ ରାଉଣ୍ଡରେ ବିଶ୍ୱ ମାନ୍ୟତାର ୧୩ ନମ୍ବରରେ ଥିବା ଜାପାନର ରିନ୍ ଇୱାନଗା ଓ କିଏ ନାକାନିଶିଙ୍କଠାରୁ ୯–୨୧, ୯–୨୧ରେ ହାରି ଯାଇଛନ୍ତି। ପ୍ରକାଶଯୋଗ୍ୟ ଯେ, ସନତ ମିଶ୍ର ପ୍ରଥମ ତଥା ଏକମାତ୍ର ଓଡ଼ିଆ ଭାବେ ୧୯୮୦ରେ ଅଲ୍ ଇଂଲଣ୍ଡ ଓପନ ଖେଳି ଇତିହାସ ସୃଷ୍ଟି କରିଥିଲେ। ଏହାର ୪୪ ବର୍ଷ ବ୍ୟବଧାନରେ ରତପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ଅଲ୍ ଇଂଲଣ୍ଡ ଓପନରେ ପଦାର୍ପଣ କରିଥିଲେ। ରତପର୍ଣ୍ଣାଙ୍କ ଅଭିଜ୍ଞତା ଓ ଶ୍ୱେତପର୍ଣ୍ଣାଙ୍କ ପ୍ରତିଭାର ସମ୍ମିଶ୍ରଣରେ ଦୁଇ ଭଉଣୀ ଅନ୍ତର୍ଜାତୀୟ ସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ରତପର୍ଣ୍ଣା ବିଡବ୍ଲୁଏଫ୍ ଇଣ୍ଟରନ୍ୟାଶନାଲ ଚ୍ୟାଲେଞ୍ଜ/ସିରିଜରେ ୭ ଟାଇଟଲ ଜିତି ସାରିଥିବାବେଳେ ୭ ଥର ରନରଅପ୍ ହୋଇଛନ୍ତି। ଶ୍ୱେତପର୍ଣ୍ଣାଙ୍କୁ ସାଥିକରି ସେ ୪ ଥର ଟାଇଟଲ ଜିତିଛନ୍ତି ଓ ୨ ଥର ରନରଅପ୍ ହୋଇଛନ୍ତି। ଚଳିତ ବର୍ଷ ଅନୁଷ୍ଠିତ ଶ୍ରୀଲଙ୍କା ଇଣ୍ଟରନ୍ୟାଶନାଲରେ ଦୁଇ ଭଉଣୀ ରନରଅପ୍ ହୋଇଥିଲେ।



ରତପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ପଣ୍ଡା।

# ଆଇପିଏଲ୍-୧୭



ନିର୍ମଳ କୁମାର ମିଶ୍ର

**ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ର ୧୭ଶ ସଂସ୍କରଣ ଚଳିତ ମାସ ୨୨ରୁ ଆରମ୍ଭ ହେବାକୁ ଯାଉଛି। ଚେନ୍ନାଇ ସୁପର କିଙ୍ଗ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମଧ୍ୟରେ ହେବ ଉଦ୍‌ଘାଟନୀ ମୁକାବିଲା। ଖେଳାଳି ନିଲାମ ସମୟରେ ଫ୍ରାଞ୍ଚାଇଜ୍‌ମାନେ ନିଜ ଦଳକୁ ବେଶ୍ ସନ୍ତୁଳିତ କରିଛନ୍ତି। ନୂଆ କମ୍ବିନେଶନ ସହ ଏଥର ବିଭିନ୍ନ ଦଳ ପଡ଼ିଆକୁ ଓହ୍ଲାଇବାକୁ ଯାଉଥିବାରୁ ଆଗାମୀ ଆଇପିଏଲ୍ ଅଧିକ ରୋମାଞ୍ଚକ ହେବା ଆଶା ରହିଛି...**

ଟି୨୦ ଲିଗ୍ କ୍ରିକେଟ୍‌ର ମହାପର୍ବ ଆଇପିଏଲ-୧୭ ପାଇଁ ପ୍ରସ୍ତୁତି ଶେଷ କରିଛି ବିସିସିଆଇ। ଦେଶରେ ସାଧାରଣ ନିର୍ବାଚନକୁ ଆଖିଆଗରେ ରଖି ବିସିସିଆଇ ଏହାକୁ ୨ଟି ପର୍ଯ୍ୟାୟରେ କରିବାକୁ ନିଷ୍ପତ୍ତି ନେଇଛି। ମାର୍ଚ୍ଚ ୨୨ରୁ ମେ' ୨୬ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏହି ଲିଗ୍ ପାଇଁ ଇତିମଧ୍ୟରେ ପ୍ରଥମ ପର୍ଯ୍ୟାୟ କାର୍ଯ୍ୟସୂଚୀ ପ୍ରକାଶ ପାଇସାରିଛି। ୨୦୨୩ର ଚାମ୍ପିୟନ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଚେନ୍ନାଇଠାରେ ଅନୁଷ୍ଠିତ ହେବ। ଆସନ୍ତା ଲିଗ୍‌ରେ ଭାଗ ନେଉଥିବା ୧୦ଟି ଦଳ ପାଇଁ ଡିସେମ୍ବର ୨୩ରେ ମିନି ଅକ୍‌ଶନ ସରିଛି। ଭାରତୀୟ ଦଳ ଇଂଲଣ୍ଡ ବିପକ୍ଷରେ ୫ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜକୁ ୪-୧ରେ ଜିତି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ପଏଣ୍ଟ ଟେବୁଲର ଶୀର୍ଷରେ ରହିଛି। ଜାତୀୟ ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ଟେଷ୍ଟ ସିରିଜ ପରେ ସେମାନଙ୍କର ଫ୍ରାଞ୍ଚାଇଜ୍ ଦଳ ସହ ଯୋଗ ଦେଇଛନ୍ତି। ଗ୍ରୁପ୍ ପର୍ଯ୍ୟାୟ ଏବଂ ପ୍ଲେ ଅଫ୍ ପାଇଁ ୧୦ଟି ଦଳ ମଧ୍ୟରେ ୭୪ଟି ମ୍ୟାଚ୍ ଖେଳାଯିବ। ପ୍ରତ୍ୟେକ ଦଳ ଗ୍ରୁପ୍ ପର୍ଯ୍ୟାୟରେ ୧୪ଟି ଲେଖାଏ ମ୍ୟାଚ ଖେଳିବେ। ଏଥିପାଇଁ ୧୦ଟି ଭେନ୍ୟୁ ସ୍ଥିର କରାଯାଇଛି। ପ୍ରତ୍ୟେକ ଦଳ ୭ଟି ମ୍ୟାଚ୍ ହୋମ୍ ଭେନ୍ୟୁରେ ଓ ଅନ୍ୟ ୭ଟି ଆୱେ ଭେନ୍ୟୁରେ ଖେଳିବେ।

ଗତ ସଂସ୍କରଣରେ ଚେନ୍ନାଇ ସୁପର କିଙ୍ଗ୍ସ ଏବଂ ଗୁଜରାଟ ଟାଇଟନ୍ସ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜୟୀ ହୋଇ ଚେନ୍ନାଇ ଦଳ ୫ମ ଥର ପାଇଁ ଚାମ୍ପିୟନ ହୋଇଥିଲା। ଏଥିସହ ଦଳ ମୁମ୍ବାଇ ଇଣ୍ଡିଆନ୍ସ ସହ ସମକକ୍ଷ ହୋଇଥିଲା। ଆଗାମୀ ସଂସ୍କରଣର ଲିଗ୍ ପର୍ଯ୍ୟାୟ ବିଭିନ୍ନ ଭେନ୍ୟୁରେ ଖେଳାଯିବ। ଏଥର ଅନେକ ପରିବର୍ତ୍ତନ ଦେଖିବାକୁ ମିଳିବ। ଶୁବମନ ଗିଲ୍ ଗୁଜରାଟ ଟାଇଟନ୍ସର ଓ ଶ୍ରେୟସ ଆୟର କୋଲକାତା ନାଇଟ ରାଇଡର୍ସର ଅଧିନାୟକ ମନୋନୀତ ହୋଇଛନ୍ତି। ମୁମ୍ବାଇ ଇଣ୍ଡିଆନ୍ସର ଅଧିନାୟକ ଭାବେ ଏଥର ହାର୍ଦ୍ଦିକ୍ ପାଣ୍ଡ୍ୟାଙ୍କୁ ଦେଖିବାକୁ ମିଳିବ। ପ୍ୟାଟ୍ କମିନ୍ସ ସନ୍‌ରାଇଜର୍ସ ହାଇଦ୍ରାବାଦର ଅଧିନାୟକ ରହିବେ। ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ଡେଭିଡ ୱାର୍ନର କିମ୍ବା ରିଷଭ ପନ୍ତ ଅଧିନାୟକତ୍ୱ କରିବାର ସମ୍ଭାବନା ଥିବାବେଳେ ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀଙ୍କୁ ଚେନ୍ନାଇ ଫ୍ରାଞ୍ଚାଇଜ ଅଧିନାୟକ କରିଛି। ସେହିପରି ମୟଙ୍କ ଅଗ୍ରୱାଲ ପଞ୍ଜାବ କିଙ୍ଗ୍ସର ଓ ସଞ୍ଜୁ ସାମ୍‌ସନ ରାଜସ୍ଥାନ ରୟାଲ୍ସର ନେତୃତ୍ୱ ନେବେ। ଲୋକେଶ ରାହୁଲ ଲକ୍ଷ୍ନୌ ଓ ଫାପ୍ ଡୁପ୍ଲେସି ବାଙ୍ଗାଲୋର ଦଳର ଅଧିନାୟକ ରହିବେ।

ଆଇପିଏଲ୍ ଖେଳାଳି ନିଲାମ ସମୟରେ ଏଥର ରେକର୍ଡ ସୃଷ୍ଟି ହୋଇଥିଲା। ଏଥିରେ ଅଷ୍ଟ୍ରେଲିଆ ଖେଳାଳିମାନଙ୍କ ଚାହିଦା ଦେଖିବାକୁ ମିଳିଥିଲା, ଯାହାକି ବେଶ୍ ଚର୍ଚ୍ଚାର ବିଷୟ ହୋଇଥିଲା। ଦୁବାଇଠାରେ ଅନୁଷ୍ଠିତ ଏହି ମିନି ଅକ୍ସନ୍ ପ୍ରକ୍ରିୟାରେ ମିଚେଲ ଷ୍ଟାର୍କ ଓ ପ୍ୟାଟ୍ କମିନ୍ସ ଯଥାକ୍ରମେ କୋଲକାତା ପାଇଁ ୨୪.୭୫ କୋଟି ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦ ପାଇଁ ୨୦.୫ କୋଟି ଟଙ୍କାରେ ବିକ୍ରି ହୋଇଥିଲେ। କାମେରନ ଗ୍ରୀନ୍ ୧୭.୫ କୋଟିରେ ବାଙ୍ଗାଲୋର ଦଳକୁ ଯାଇଥିଲେ। ଦଳଗୁଡ଼ିକର ସମୀକରଣ ବଦଳି ଯାଇଥିବାବେଳେ ନାମୀଦାମୀ ଖେଳାଳିମାନଙ୍କ ଉପରେ ହୋଇଥିବା ଟଙ୍କା ବର୍ଷାର ସୁଫଳ ଫ୍ରାଞ୍ଚାଇଜ୍‌ମାନେ ପାଇପାରୁଛନ୍ତି ନା ନାହିଁ ତାହା ଦେଖିବାକୁ କ୍ରିକେଟ୍‌ପ୍ରେମୀ ଅତି ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି। ସାମ୍ କୁରାନ, ନିକୋଲସ ପୁରନ, ଆନ୍ଦ୍ରେ ରସେଲ, ରସିଦ୍ ଖାନ୍, ଡାରେଲ ମିଚେଲଙ୍କ ପରି ବିଦେଶୀ ଖେଳାଳିଙ୍କ ପ୍ରଦର୍ଶନ ଉପରେ ମଧ୍ୟ ନଜର ରହିବ। ହାର୍ଦ୍ଦିକ୍ ପାଣ୍ଡ୍ୟା ନୂତନ ଭାବେ ମୁମ୍ବାଇ ଇଣ୍ଡିଆନ୍ସ ଦଳର ଦାୟିତ୍ୱ ନେଇଛନ୍ତି। ତାଙ୍କ ନେତୃତ୍ୱରେ ସବୁଠାରୁ ସଫଳ ଅଧିନାୟକ ରୋହିତ ଶର୍ମାଙ୍କ ପ୍ରଦର୍ଶନ କିପରି ରହୁଛି ତାହା ମଧ୍ୟ ଦେଖିବାର କଥା। ଭାରତୀୟ ଖେଳାଳିଙ୍କ ମଧ୍ୟରେ ଲୋକେଶ ରାହୁଲ, ରବୀନ୍ଦ୍ର ଜାଡେଜା, ରୋହିତ ଶର୍ମା, ରିଷଭ ପନ୍ତ, ଇଶାନ କିଶନ, ହାର୍ଦ୍ଦିକ ପାଣ୍ଡ୍ୟା, ବିରାଟ କୋହଲି, ସଞ୍ଜୁ ସାମ୍‌ସନଙ୍କୁ ନିଜ ଫ୍ରାଞ୍ଚାଇଜ୍‌ମାନେ ଅପରିବର୍ତ୍ତିତ ରଖିଛନ୍ତି।

୨୦୦୮ରୁ ଖେଳାଯାଇ ଆସୁଥିବା ବିଶ୍ୱର ଏହି ସମ୍ମାନଜନକ ତଥା ଲୋକପ୍ରିୟ ଫଟାଫଟ୍ କ୍ରିକେଟ୍ ଆଗରେ ଅନ୍ୟ ସମସ୍ତ ଦେଶ ଦ୍ୱାରା ଆୟୋଜିତ ଟି୨୦ ଲିଗ୍‌ଗୁଡିକ ଫିକା ପଡ଼ିଛି। ଦେଶରେ ସାଧାରଣ ନିର୍ବାଚନ ଯୋଗୁ ୨୦୦୯ରେ ଆଇପିଏଲ ଦକ୍ଷିଣ ଆଫ୍ରିକାରେ ଆୟୋଜନ ହୋଇଥିଲେ ମଧ୍ୟ ବେଶ୍ ସଫଳତା ହାସଲ କରିଥିଲା। ୨୦୧୪ରେ ମଧ୍ୟ ସାଧାରଣ ନିର୍ବାଚନ ଯୋଗୁ କିଛି ମ୍ୟାଚ୍ ୟୁଏଇରେ ହୋଇଥିଲା। ସେହିପରି ୨୦୨୦ ଓ ୨୦୨୧ ସଂସ୍କରଣ କୋଭିଡ୍ ପାଇଁ ୟୁଏଇରେ ଆୟୋଜନ ହୋଇଥିଲା। ମାତ୍ର ଚଳିତ ବର୍ଷ ଦେଶରେ ସାଧାରଣ ନିର୍ବାଚନ ଥିଲେ ମଧ୍ୟ ମ୍ୟାଚ୍‌ଗୁଡିକ ଭାରତରେ ଅନୁଷ୍ଠିତ ହେବ ବୋଲି ଆଇପିଏଲ ଚେୟାରମ୍ୟାନ ଅରୁଣ ସିଂ ଧୁମାଲ ପ୍ରକାଶ କରିଛନ୍ତି।

ଆଇପିଏଲ୍-୨୦୨୪ ମଧ୍ୟ ଗତ ସିଜନ୍ ପରି ହେବ। ୨୦୨୨ ପରଠାରୁ ଆଇପିଏଲ ଫର୍ମାଟ୍‌ରେ ପରିବର୍ତ୍ତନ କରାଯାଇଛି। ୧୦ଟି ଦଳକୁ ସେମାନଙ୍କର ପ୍ରଦର୍ଶନ ଆଧାରରେ ୨ଟି ଗ୍ରୁପ୍‌ରେ ବିଭକ୍ତ କରାଯାଉଛି। ଗତବର୍ଷ ଏହି ଲିଗ୍ ୬୦ ଦିନରେ ଶେଷ ହୋଇଥିବା ବେଳେ ଚଳିତ ବର୍ଷ ୬୭ ଦିନ ଧରି ଚାଲିବ। ସାଧାରଣ ନିର୍ବାଚନକୁ ଆଖିଆଗରେ ରଖି କାର୍ଯ୍ୟସୂଚୀକୁ ଏକ ସପ୍ତାହ ପାଇଁ ବୃଦ୍ଧି କରିଛି ଫିକ୍ସଚର କମିଟି। ୨୦୧୯ରେ ଦେଶରେ ନିର୍ବାଚନ ପାଇଁ ମଧ୍ୟ ଏପରି ଆଭିମୁଖ୍ୟ ଗ୍ରହଣ କରିଥିଲା ବିସିସିଆଇ। ପ୍ରଥମ ପର୍ଯ୍ୟାୟ କାର୍ଯ୍ୟସୂଚୀ ଅନୁଯାୟୀ ଦୁଇ ସପ୍ତାହ ମଧ୍ୟରେ ୨୧ଟି ମ୍ୟାଚ୍ ଖେଳାଯିବ। ୧୦ଟି ଭିନ୍ନ ଭିନ୍ନ ସହରରେ ଏହି ୨୧ଟି ମ୍ୟାଚ୍ ଖେଳାଯିବ। ଦିଲ୍ଲୀ କ୍ୟାପିଟାଲ୍ସ ପ୍ରଥମ ପର୍ଯ୍ୟାୟରେ ଏହାର କେତେକ ଘରୋଇ ମ୍ୟାଚ୍ ଭାଇଜାଗ୍‌ରେ ଖେଳିବ। ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟସୂଚୀ ପରବର୍ତ୍ତୀ ସମୟରେ ପ୍ରକାଶିତ ହେବ। ପ୍ରଥମ ପର୍ଯ୍ୟାୟ କାର୍ଯ୍ୟସୂଚୀରେ ବିସିସିଆଇ ୪ଟି ଡବଲ ହେଡର ମ୍ୟାଚ୍‌ର ଘୋଷଣା କରିଛି।

ଗତବର୍ଷର ପ୍ରଦର୍ଶନକୁ ଦେଖିଲେ ଯଦିଓ ଚେନ୍ନାଇ ସୁପର କିଙ୍ଗ୍ସ ୫ମ ଥର ପାଇଁ ଚାମ୍ପିୟନ ହୋଇଥିଲା ତେବେ ଗ୍ରୁପ୍ ପର୍ଯ୍ୟାୟରେ ଗୁଜରାଟ ଟାଇଟନ୍ସ ୧୦ ବିଜୟ ଏବଂ ୪ଟି ପରାଜୟ ସହ ସର୍ବାଧିକ ୨୦ ପଏଣ୍ଟ ପାଇ ଟେବୁଲ ଶୀର୍ଷରେ ରହିଥିଲା। ୧୪ ମ୍ୟାଚ୍‌ରୁ ସନ୍‌ରାଇଜର୍ସ ହାଇଦ୍ରାବାଦ ମାତ୍ର ୪ଟି ବିଜୟ ସହ ପଏଣ୍ଟ ଟେବୁଲର ସର୍ବନିମ୍ନ ସ୍ଥାନରେ ରହିଥିଲା। ଦିଲ୍ଲୀ, ପଞ୍ଜାବ ଏବଂ କୋଲକାତା ଦଳ ମଧ୍ୟ ଖରାପ ପ୍ରଦର୍ଶନ କରିଥିଲେ। ଶକ୍ତିଶାଳୀ ମୁମ୍ବାଇ ପ୍ରାରମ୍ଭରୁ ଖରାପ ପ୍ରଦର୍ଶନ କରିଥିଲେ ମଧ୍ୟ ପରବର୍ତ୍ତୀ ପର୍ଯ୍ୟାୟରେ ଭଲ ପ୍ରଦର୍ଶନ କରି ପ୍ଲେ-ଅଫ୍‌ରେ ପ୍ରବେଶ କରିଥିଲା। ଗୁଜରାଟ, ଚେନ୍ନାଇ, ଲକ୍ଷ୍ନୌ ଏବଂ ମୁମ୍ବାଇ ଟିମ୍ ପ୍ଲେ ଅଫ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। କ୍ୱାଲିଫାୟର-୧ରେ ଗୁଜରାଟ ବିପକ୍ଷରେ ଚେନ୍ନାଇ ୧୫ ରନ୍‌ରେ ବିଜୟୀ ହୋଇଥିବା ବେଳେ ଏଲିମିନେଟରରେ ମୁମ୍ବାଇ ଟିମ୍ ଲକ୍ଷ୍ନୌକୁ ୮୧ ରନ୍‌ର ବଡ଼ ବ୍ୟବଧାନରେ ହରାଇଥିଲା। ସେହିପରି କ୍ୱାଲିଫାୟର-୨ରେ ଗୁଜରାଟ ୬୨ ରନରେ ମୁମ୍ବାଇକୁ ପରାସ୍ତକରି ଚେନ୍ନାଇ ସହ ଫାଇନାଲ ଖେଳିଥିଲା। ଗୁଜରାଟ ଫାଇନାଲରେ ସିଏସ୍‌କେକୁ ୨୧୫ ରନ୍‌ର ଟାର୍ଗେଟ ଦେଇଥିଲା। ବର୍ଷା ବାଧାପ୍ରାପ୍ତ ମ୍ୟାଚ୍ ଶେଷରେ ଚେନ୍ନାଇ ଡିଏଲ୍‌ଏସ୍ ପଦ୍ଧତିରେ ୫ ଉଇକେଟରେ ବିଜୟୀ ହୋଇଥିଲା।

ଆଗାମୀ ସଂସ୍କରଣ ବେଶ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଏ। କାରଣ କୋଲକାତା, ମୁମ୍ବାଇ ଓ ହାଇଦ୍ରାବାଦ ଫ୍ରାଞ୍ଚାଇଜ୍‌ମାନେ ସେମାନଙ୍କର ଦଳକୁ ବେଶ୍ ସନ୍ତୁଳିତ କରିଛନ୍ତି। ପେସ୍ ବୋଲର ଏବଂ ଅଲ୍‌ରାଉଣ୍ଡରମାନଙ୍କ ବେଶ୍ ଚାହିଦା ରହିଥିବାର ଦେଖିବାକୁ ମିଳିଛି। ଭାରତୀୟ ଯୁବ ବ୍ୟାଟର୍ସମାନଙ୍କୁ ମଧ୍ୟ ଫ୍ରାଞ୍ଚାଇଜ୍‌ମାନେ ଭଲ ସୁଯୋଗ ଦେଇଛନ୍ତି।



ପ୍ୟାଟ କମିନ୍ସ

ମିଚେଲ ଷ୍ଟାର୍କ

ହାର୍ଦ୍ଦିକ ପାଣ୍ଡ୍ୟା

କାମେରନ ଗ୍ରୀନ୍

## ବ୍ୟାଡ୍‌ମିଣ୍ଟନ୍‌ର ସୁପରଷ୍ଟାର

# ଚିରାଗ-ସାତ୍ତ୍ୱିକ

**ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ଦ୍ୱିତୀୟଥର ପାଇଁ ଫ୍ରେଞ୍ଚ ଓପନ୍ ବ୍ୟାଡ୍‌ମିଣ୍ଟନ ପୁରୁଷ ଡବଲ୍ସ ଟାଇଟଲ ହାସଲ କରିଛନ୍ତି। ଭାରତୀୟ ଯୋଡ଼ିଙ୍କର ଏହା ହେଉଛି ୭ମ ବିଡବ୍ଲ୍ୟୁ ୱାର୍ଲ୍ଡ ଟୁର୍ ଟାଇଟଲ। ବିଶ୍ୱର ନମ୍ବର ୱାନ୍ ତଥା ଏସିଆନ ଗେମ୍ସ ଚାମ୍ପିୟନ ଏହି ଭାରତୀୟ ଯୋଡ଼ି ଏହା ପୂର୍ବରୁ ୨୦୨୨ରେ ଫ୍ରେଞ୍ଚ ଓପନ୍ ଟାଇଟଲ ଜିତିଥିବା ବେଳେ ୨୦୧୯ରେ ରନର ଅପ୍ ହୋଇଥିଲା। ଚଳିତ ସିଜନରେ ଏହା ହେଉଛି ସେମାନଙ୍କର ପ୍ରଥମ ଟାଇଟଲ।**

ଭାରତୀୟ ବ୍ୟାଡ୍‌ମିଣ୍ଟନରେ ସଫଳ ଖେଳାଳି କହିଲେ ପ୍ରଥମେ ମନକୁ ପ୍ରକାଶ ପାଦୁକୋନ୍ ଓ ପୁଲେଲା ଗୋପୀଚାନ୍ଦଙ୍କ ନାମ ଆସିଥାଏ। ପାଦୁକୋନ୍ ୮୦ ଦଶକରେ ଓ ଗୋପୀଚାନ୍ଦ ୯୦ ଦଶକରେ ବ୍ୟାଡ୍‌ମିଣ୍ଟନ କୋର୍ଟରେ ନିଜର ପତିଆରା ଜାହିର କରିଥିଲେ। ପରେ ଏହି ଦୁଇ ଖେଳାଳିଙ୍କ ସାମ୍ରାଜ୍ୟକୁ ଆଗକୁ ବଢ଼ାଇଥିଲେ ସାଇନା ନେହ୍ୱାଲ ଓ ପି.ଭି. ସିନ୍ଧୁ। ଭାରତ ଉଭୟ ପୁରୁଷ ଓ ମହିଳା ସିଙ୍ଗଲ୍ସରେ ଏକାଧିକ ଚାମ୍ପିୟନ ଖେଳାଳି ସୃଷ୍ଟି କରିଥିଲେ ମଧ୍ୟ ଡବଲ୍ସରେ ଭାରତକୁ ଏହାର ଚାମ୍ପିୟନ ଖେଳାଳି ମିଳୁ ନ ଥିଲେ। ତେବେ ଭାରତକୁ ବର୍ତ୍ତମାନ ମିଳିଯାଇଛି ଏହାର ଡବଲ୍ସ ଚାମ୍ପିୟନ ଯୋଡ଼ି। ବର୍ତ୍ତମାନ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ଏକ ନମ୍ବର ସ୍ଥାନରେ ଥିବା ଚିରାଗ ସେଟ୍ଟୀ ଓ ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ବିଶ୍ୱର ସଫଳ ଯୋଡ଼ି ଭାବେ ଏକାଧିକ ଟାଇଟଲ ଜିତିବା ସହିତ ଭାରତର ସମ୍ଭାବନା ବୃଦ୍ଧି କରିଛନ୍ତି। ୨୦୨୪ ବର୍ଷରେ ନିଜର ପ୍ରଥମ ଟାଇଟଲ ଭାବରେ ଫ୍ରେଞ୍ଚ ଓପନ୍ ବିଜୟୀ ହୋଇଛନ୍ତି। ୨୦୨୨ ପରେ ଉଭୟ ଦ୍ୱିତୀୟଥର ପାଇଁ ଏହି ସମ୍ମାନଜନକ ଟାଇଟଲ ହାସଲ କରିଥିଲେ। ଚିରାଗ ଓ ସାତ୍ତ୍ୱିକ ଆରମ୍ଭରୁ ପରସ୍ପର ସହ ଖେଳୁ ନ ଥିଲେ। ଚିରାଗ ସେଟ୍ଟୀ ଓ ଏମ୍.ଆର ଅର୍ଜୁନ ଏକତ୍ର ଖେଳୁଥିବା ବେଳେ ଯୋଡ଼ି ପରିବର୍ତ୍ତନ ପାଇଁ ପରାମର୍ଶ ଦେଇଥିଲେ ଭାରତୀୟ ଦଳର କୋଚ୍ ଟାନ୍ କିମ୍ ହେର। ଏହା ପରେ ୨୦୧୮ରୁ ଏହି ଯୋଡ଼ି ଏକତ୍ର ଖେଳିବା ସହ ଇତିହାସ ବକ୍ଷରେ ନିଜ ନାମ ଲିପିବଦ୍ଧ କରିଛନ୍ତି।

ଭାରତ ପାଇଁ ବିଶ୍ୱ ଚାମ୍ପିୟନଶିପ୍‌ର ଡବଲ୍ସ ଇଭେଣ୍ଟର ଉଭୟ ପ୍ରଥମ ପଦକ ବିଜୟୀ ହୋଇଥିଲେ।

୨୦୧୮ରୁ ଆରମ୍ଭ ହୋଇଥିବା ଏହି ଯୋଡ଼ିର ଯାତ୍ରାକୁ ପ୍ରଥମ ବର୍ଷରେ ହିଁ ମିଳିଥିଲା ସଫଳତା। ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡାର ମିକ୍ସଡ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ଓ ପୁରୁଷ ଟିମ୍ ଇଭେଣ୍ଟରେ ରୌପ୍ୟ ପଦକ ଜିତିଥିଲେ ଏହି ୨ ଖେଳାଳି। ସମାନ ବର୍ଷରେ ଉଭୟ ହାଇଦ୍ରାବାଦ ଓପନ୍ ବିଜୟୀ ହୋଇଥିଲେ। ୨୦୧୯ରେ ଉଭୟ ଥାଇଲାଣ୍ଡ ଓପନ୍‌ରେ ଚାମ୍ପିୟନ ହେବା ସହ ପ୍ରଥମ ଭାରତୀୟ ଯୋଡ଼ି ଭାବେ ଏକ ବିଡବ୍ଲ୍ୟୁଏଫ୍ ସୁପର ସିରିଜ୍ ବିଜୟୀ ହୋଇଥିଲେ। ଏହାସହ ଫ୍ରେଞ୍ଚ ଓପନ୍‌ରେ ଉଭୟ ରନର ଅପ୍ ରହିଥିଲେ। ୨୦୨୦ରେ କୋଭିଡ୍ କାରଣରୁ ଖେଳ ହୋଇ ନ ଥିବା ବେଳେ ୨୦୨୧ ଉଭୟଙ୍କ ପାଇଁ ଫଳପ୍ରଦ ରହି ନ ଥିଲା। ଖରାପ ଫର୍ମ ସହ ସଂଘର୍ଷ କରୁଥିବା ବେଳେ ଉଭୟ ଗୋଟିଏ ବି ଟାଇଟଲ୍ ଜିତିପାରି ନ ଥିଲେ। ତେବେ ଚମତ୍କାର ପ୍ରତ୍ୟାବର୍ତ୍ତନ ସହ ୨୦୨୨ ଆରମ୍ଭ କରିଥିଲେ ଚିରାଗ-ସାତ୍ତ୍ୱିକ। ଇଣ୍ଡିଆନ୍ ଓପନ୍ ବିଜୟୀ ହେବା ସହିତ ଥୋମାସ କପ୍ ବିଜୟୀ ଭାରତୀୟ ଦଳର ସଦସ୍ୟ ରହିଥିଲେ ଉଭୟ ଖେଳାଳି। ଭାରତ ପ୍ରଥମଥର ପାଇଁ ଥୋମାସ କପ୍ ବିଜୟୀ ହୋଇଥିବା ବେଳେ ଏହି ଦୁଇ ଖେଳାଳିଙ୍କ ସେଥିରେ ରହିଥିଲା ଗୁରୁତ୍ୱପୂର୍ଣ୍ଣ ଭୂମିକା। ଏହାପରେ ଫ୍ରେଞ୍ଚ ଓପନ୍ ଜିତି ରେକର୍ଡ କରିବା ସହ ପ୍ରଥମ ଭାରତୀୟ ଯୋଡ଼ି ଭାବେ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ଟପ୍ ଟେନ୍‌ରେ ପ୍ରବେଶ କରିଥିଲେ। ଜାପାନରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ଜିତିବା ସହ ଇତିହାସ ରଚିଥିଲା ଏହି ଭାରତୀୟ ଯୋଡ଼ି। ୨୦୨୩ରେ ଏସିଆନ୍ ଚାମ୍ପିୟନଶିପ୍‌ର ପୁରୁଷ ଡବଲ୍ସ ଇଭେଣ୍ଟରେ ସ୍ୱର୍ଣ୍ଣ ଓ ମିକ୍ସଡ୍ ଟିମ୍ ଇଭେଣ୍ଟରେ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲା। ସମାନ ବର୍ଷରେ ସ୍ୱିସ୍ ଓପନ୍, ଇଣ୍ଡୋନେସିଆ ଓପନ୍ ଓ କୋରିଆ ଓପନ୍ ଜିତିବା ସହ ବିଶ୍ୱ ମାନ୍ୟତାର ଏକ ନମ୍ବର ସ୍ଥାନ ଅଳଙ୍କୃତ କରିଥିଲା ଏହି ଭାରତୀୟ ଯୋଡ଼ି। ପ୍ରଥମ ଭାରତୀୟ ଯୋଡ଼ି ଭାବେ ଉଭୟ ଏଭଳି ସଫଳତା ହାସଲ କରିଥିଲେ।

| ଚିରାଗ ସେଟ୍ଟୀ |
| --- |
| ବୟସ ୨୬ |
| ଉଚ୍ଚତା : ୬ ଫୁଟ ୨ ଇଞ୍ଚ |
| ର୍‍ୟାଙ୍କିଙ୍ଗ୍-୧ |
| ବିଜୟ/ପରାଜୟ: ୨୫୪/୧୧୪ |

| ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ |
| --- |
| ବୟସ ୨୩ |
| ଉଚ୍ଚତା : ୬ ଫୁଟ |
| ର୍‍ୟାଙ୍କିଙ୍ଗ୍-୧ |
| ବିଜୟ/ପରାଜୟ: ୩୦୯/୧୫୯ |

### ଚିରାଗ ସେଟ୍ଟୀ

ମୁମ୍ବାଇର ମଲାଡରେ ଏକ ତୁଳୁ ପରିବାରରେ ଚିରାଗ ସେଟ୍ଟୀଙ୍କ ଜନ୍ମ। ଆରମ୍ଭରୁ ଉଦୟ ପୱାର ବ୍ୟାଡ୍‌ମିଣ୍ଟନ ଏକାଡେମୀରେ ପ୍ରଶିକ୍ଷଣ ନେଉଥିବା ବେଳେ ପରେ ହାଇଦ୍ରାବାଦରେ ରହି ପୁଲେଲା ଗୋପୀଚାନ୍ଦଙ୍କ ଅଧୀନରେ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ୨୦୨୦ରେ ଚିରାଗଙ୍କୁ ଅର୍ଜୁନ ପୁରସ୍କାର ମିଳିଥିବା ବେଳେ ୨୦୨୩ରେ ମେଜର ଧ୍ୟାନ୍‌ଚାନ୍ଦ ଖେଳରତ୍ନ ପୁରସ୍କାର ଦିଆଯାଇଥିଲା।

### ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ:

ଆନ୍ଧ୍ରପ୍ରଦେଶର ଅମଲାପୁରମ୍‌ରେ ସାତ୍ତ୍ୱିକଙ୍କ ଜନ୍ମ। ପିତା ଓ ଭାଇ ଜଣେ ଜଣେ ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ରହିଥିବା ବେଳେ ଉଭୟଙ୍କ ପଥ ଅନୁସରଣ କରିଥିଲେ ସାତ୍ତ୍ୱିକ। ଆରମ୍ଭରୁ କ୍ରିଷ୍ଣା ପ୍ରସାଦ ଗରଗଙ୍କ ସହ ଯୋଡ଼ିହୋଇ ଖେଳୁଥିବା ବେଳେ ପରେ ଚିରାଗ ସେଟ୍ଟୀଙ୍କ ଯୋଡ଼ି ହୋଇଥିଲେ। ୨୦୨୦ରେ ଚିରାଗଙ୍କ ସହ ମିଳିତ ଭାବେ ସେ ଅର୍ଜୁନ ପୁରସ୍କାର ଓ ୨୦୨୩ରେ ମେଜର ଧ୍ୟାନ୍‌ଚାନ୍ଦ ଖେଳରତ୍ନ ପୁରସ୍କାର ହାସଲ କରିଥିଲେ। ସେହିପରି ବ୍ୟାଡ୍‌ମିଣ୍ଟନ ଇତିହାସରେ ଦ୍ରୁତତମ ସର୍ଭିସ୍ କରିବାର ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ ସାତ୍ତ୍ୱିକଙ୍କ ନାମରେ ରହିଛି। ସେ ୫୬୫ କିମି/ଘଣ୍ଟା ବେଗରେ ଏକ ସ୍ମାଶ୍ କରିଥିଲେ।



ଚିରାଗ ଓ ସାତ୍ତ୍ୱିକ

## କ୍ୟାରିୟର

ଫିଫା ପ୍ରସ୍ତାବିତ ବ୍ଲୁକାର୍ଡ ଯୋଜନା
ହବନାହିଁ କାର୍ଯ୍ୟକାରୀ
ଇଂଲଣ୍ଡ ନର୍ଦ୍ଦର୍ନ ଆୟର୍ଲାଣ୍ଡ ସହ
ସ୍କଟଲାଣ୍ଡ ୱେଲ୍ସ ଚାରି
ଦେଶ ସମର୍ଥନ ଭାରି
ରଗ୍‌ବୀ ଫାଉଲ ପାଇଁ ଏ
କାର୍ଡ କେବଳ
ବ୍ୟବହାର ହେବ ହରି।

ଇଟାଲୀରେ ନିଜ ସାଥୀ ଖେଳାଳିଙ୍କ
ବ୍ୟାଗ୍‌ରୁ ଧରି ଟଙ୍କା
ବକ୍ସର ଜୋହେବ ରଶିଦ ଫେରାର
ପାକିସ୍ତାନ ମୁହଁ ବଙ୍କା
ଟଙ୍କା ବଡ଼ ନୁହେଁ ଧୋକା
ବଡ଼ ଦୁଃଖ ଦେଲା
କଲୋନେଲ କହେ
ଇଟାଲୀ ପୋଲିସ ବୋକା।

ଫୁଟବଲରଟିଏ ହେବାପାଇଁ ସ୍ୱପ୍ନ
ଦେଖୁଥିଲା ଟାଇଗର
ହିରୋପନ୍ତି ଫିଲ୍ମରୁ ଅଭିନୟ କରି
ଆଜି ଟୋକା ପପୁଲାର
ଯେମିତିକା କ୍ୟାରିୟର
ଗଢ଼ ମନା ନାହିଁ, ହତ୍ୟାକାରୀ ଅବା
କଥା ସରେ ହେଲେ ଚୋର।

-ସୁବାସଚନ୍ଦ୍ର ପ୍ରଧାନ